# ସତ୍ୟ ନ୍ୟୁଜ୍

ଓଡ଼ିଆ ଦୈନିକ

RNI No.-ODIODI/2024/17847

www.satyanews24.in
RNI No.ODIODI/2024/17847
୦୧ ବର୍ଷ | Volume-01
ISSUE - 11 | ସଂଖ୍ୟା-୧୧
ଭୁବନେଶ୍ୱର, ସୋମବାର ୩୦, ଡିସେମ୍ବର, ୨୦୨୪
Bhubaneswar, Monday, 30, December 2024
୦୮ ପୃଷ୍ଠା | Pages-08
ମୂଲ୍ୟ : ୭.୦୦ ଟଙ୍କା | Price : Rs.7.00
E-Mail : satyanews24.bbsr@gmail.com



Like, Follow & Subscribe
Satya News24


## ଓସିଏରୁ ହଟିଲେ ବବି ଦାସ : ଦେଲେ ଇସ୍ତଫା

**ଭୁବନେଶ୍ୱର,୨୯।୧୨(ନି.ପ୍ର.):** ଓସିଏ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି ବିଜେଡି ନେତା ପ୍ରଣବ ପ୍ରକାଶ ଦାସ ଓରଫ୍ ବବି। ବ୍ୟକ୍ତିଗତ କାରଣ ପାଇଁ ସେ ଇସ୍ତଫା ଦେଇଛନ୍ତି। ଆଜି ଏନେଇ ଘୋଷଣା କରିଛନ୍ତି ଓସିଏ ସମ୍ପାଦକ ସଞ୍ଜୟ ବେହେରା। ଓସିଏ ସମ୍ପାଦକ ସଞ୍ଜୟ ବେହେରା କହିଛନ୍ତି, ୪୫ ଦିନ ଭିତରେ ନୂଆ ସଭାପତି ନିର୍ବାଚନ ହେବ। ନିର୍ବାଚନ ପର୍ଯ୍ୟନ୍ତ ଉପସଭାପତି ପଙ୍କଜ



ଲୋଚନ ମହାନ୍ତି ଦାୟିତ୍ୱ ସମ୍ଭାଳିବେ। ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ପ୍ରତିନିଧି ଭାବେ ସଭାପତି ପଦକୁ ଆସିଥିଲେ। ସେ ବେଶୀ ସମୟ ଦେଇପାରୁନ ଥିଲେ ବୋଲି ସଞ୍ଜୟ ବେହେରା କହିଛନ୍ତି।

ସୂଚନାଯୋଗ୍ୟ, ଓଡ଼ିଶା କ୍ରିକେଟ ସଂଘ (ଓସିଏ)ର ପରବର୍ତ୍ତି ସଭାପତି ଭାବେ ଯାଜପୁରର ପୂର୍ବତନ ବିଧାୟକ ପ୍ରଣବ ପ୍ରକାଶ ଦାସ (ବବି)ଙ୍କ ନାମରେ ୨୦୨୨ ଅକ୍ଟୋବର ୨୮ ତାରିଖରେ ଔପଚାରିକ ମୋହର ଲାଗିଥିଲା। ସେହି ସମୟରେ ଓସିଏର ସାଧାରଣ ପରିଷଦ ବୈଠକରେ ପ୍ରଣବଙ୍କ ସହିତ ସମସ୍ତ ଅପ୍ରତିଦ୍ୱନ୍ଦ୍ୱୀ ପ୍ରାର୍ଥୀଙ୍କ ନାମ ଘୋଷଣା କରାଯାଇଥିଲା। ପୂର୍ବରୁ ଏହି ପଦରେ ସଞ୍ଜୟ ବେହେରା ରହିଥିଲେ। ତେବେ ପ୍ରଣବ ସଭାପତି ଦାୟିତ୍ୱ ନେବାପରେ ଓସିଏର କାର୍ଯ୍ୟ କରିବା ଢାଞ୍ଚାରେ ପରିବର୍ତ୍ତନ ଆସିଥିଲା। ଏହାର ପ୍ରଭାବ ଖେଳାଳିଙ୍କ ପ୍ରଦର୍ଶନ ଉପରେ ପଡୁଥିବା ମଧ୍ୟ କୁହାଯାଉଥିଲା। ଗତ ଦୁଇ ବର୍ଷରେ ଓଡ଼ିଶା ଟିମ୍ କୌଣସି ଆଖିଦୃଶିଆ ପ୍ରଦର୍ଶନ ମଧ୍ୟ କରିପାରିନଥିଲା। ଫଳରେ ଗତ ଜୁଲାଇ ମାସରେ ପ୍ରଣବଙ୍କ ଇସ୍ତଫା ଦାବି ମଧ୍ୟ କରାଯାଇଥିଲା। ଶେଷରେ ପ୍ରବଣ ଓସିଏ ସଭାପତି ପଦରୁ ଇସ୍ତଫା ଦେଇଛନ୍ତି। କିନ୍ତୁ ଇସ୍ତଫାର କାରଣ ବ୍ୟକ୍ତିଗତ ବୋଲି ଦର୍ଶାଯାଇଛି। ସେପଟେ କିନ୍ତୁ ଇସ୍ତଫା ନେଇ ପ୍ରଣବ ପ୍ରକାଶ ଦାସଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳିପାରିନାହିଁ।

## ଧନୁଯାତ୍ରା ଲାଗି ଅନୁଦାନ ରାଶି ବଢ଼ିଲା

**ଭୁବନେଶ୍ୱର/ବରଗଡ଼,୨୯।୧୨(ନି.ପ୍ର.):** ବରଗଡ଼ର ବିଶ୍ୱପ୍ରସିଦ୍ଧ ଧନୁଯାତ୍ରା ଲାଗି ରାଜ୍ୟ ସରକାର ଅନୁଦାନ ରାଶି ୫ କୋଟିକୁ ବୃଦ୍ଧି କରିଛନ୍ତି। ଏନେଇ ଆଜି ଏକ ସାମ୍ବାଦିକ ସମ୍ମିଳନୀରେ ସୂଚନା ଦେଇଛନ୍ତି ଓଡ଼ିଶା ସରକାରଙ୍କ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ। ଧନୁଯାତ୍ରା ରେ ଏଥର ଓଡ଼ିଆ। ଅସ୍ମିତାର ଝଲକ ଦେଖିବାକୁ ମିଳିବ। ଏହି ବର୍ଦ୍ଧିତ ଅନୁଦାନ ପାଇଁ ପ୍ରମୁଖ ୧୭୦ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ରାଶି ମିଳିବୟ ଧନୁଯାତ୍ରାକୁ ୟୁନେସ୍କୋ ଐତିହ୍ୟ ମାନ୍ୟତା ପାଇଁ ବିଶେଷଜ୍ଞ କମିଟି ଗଠନ ହୋଇଛି। ସେହିପରି ଧନୁଯାତ୍ରା ସମ୍ପର୍କିତ ସମସ୍ତ ତଥ୍ୟ ଲାଗି ସରକାର ସ୍ୱତନ୍ତ୍ର ୱେବସାଇଟ୍ ନିର୍ମାଣ କରୁଥିବା ବେଳେ ରାଜ୍ୟବ୍ୟାପି ଏଲଇଡି ପରଦାରେ ଧନୁଯାତ୍ରାର ସିଧାପ୍ରସାରଣ ପାଇଁ ମଧ୍ୟ ପଦକ୍ଷେପ ନେଇଛନ୍ତି। ସେ କହିଛନ୍ତି, ଧନୁଯାତ୍ରା ରେ ଏଥର ଓଡ଼ିଆ। ଅସ୍ମିତାର ଝଲକ ଦେଖିବାକୁ ମିଳିବୟ ଏହି ବର୍ଦ୍ଧିତ ଅନୁଦାନ ପାଇଁ ପ୍ରମୁଖ ୧୭୦ କଳାକାରଙ୍କୁ ୧୦ ହଜାର ଟଙ୍କା ଲେଖାଏଁ ସମ୍ମାନ ରାଶି ମିଳିବ।

## ଉଜୁଡ଼ା ଚାଷ ଦେଖିଲେ, ପ୍ରତିଶ୍ରୁତି ଦେଲେ ମୁଖ୍ୟମନ୍ତ୍ରୀ

**ଭୁବନେଶ୍ୱର,୨୯।୧୨(ନି.ପ୍ର.):** ଆଜି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ରାଜ୍ୟରେ ଘଟିଥିବା ଅଦିନିଆ। ବର୍ଷା ଜନିତ କ୍ଷୟକ୍ଷତିର ସ୍ଥିତି ଅନୁଧ୍ୟାନ ପାଇଁ ନୟାଗଡ଼, ଗଜପତି ଓ ଗଞ୍ଜାମ ଜିଲ୍ଲା ଗସ୍ତ କରି ସବୁ କ୍ଷତିଗ୍ରସ୍ତ ଚାଷୀ ମାନଙ୍କୁ ନିଶ୍ଚୟ ସହାୟତା ମିଳିବ ବୋଲି ଆଶ୍ୱାସନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ସହିତ ରାଜସ୍ୱ ଓ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ ପୂଜାରୀ ମଧ୍ୟ କ୍ଷତିଗ୍ରସ୍ତ ଜିଲ୍ଲା ଗୁଡ଼ିକ ବୁଲି ଦେଖିଥିଲେ। ଗସ୍ତ କାର୍ଯ୍ୟକ୍ରମର ଶେଷ ପର୍ଯ୍ୟାୟ ଛତ୍ରପୁର ଠାରେ ମୁଖ୍ୟମନ୍ତ୍ରୀ କ୍ଷୟକ୍ଷତି ସମ୍ବନ୍ଧରେ ସମୀକ୍ଷା କରି ବୀମା ଭୁକ୍ତ ଚାଷୀ ମାନଙ୍କ ପାଇଁ କ୍ଷୟକ୍ଷତି ସଂପର୍କରେ ଜଣାଇବା ସମୟ ଅବଧିକୁ ଆଉ ଗୋଟିଏ ଦିନ ବୃଦ୍ଧି କରିଛନ୍ତି। ଏହି ସମୟ ରବିବାର ପର୍ଯ୍ୟନ୍ତ ଥିବା ବେଳେ ଏହା ଆସନ୍ତା କାଲି ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ରାଜ୍ୟର କ୍ଷତିଗ୍ରସ୍ତ ହୋଇଥିବା ଜିଲ୍ଲା ଗୁଡିକର ଜିଲ୍ଲାପାଳମାନଙ୍କୁ ପୁନଃ ଆକଳନ ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ସୂଚନାଯୋଗ୍ୟ ଯେ ଆସନ୍ତା ୩୦ ତାରିଖ ସୁଦ୍ଧା କ୍ଷୟ କ୍ଷତିର ରିପୋର୍ଟ ଦେବା ପାଇଁ ଅଧିକାରୀ ମାନଙ୍କୁ ପୂର୍ବରୁ ନିର୍ଦ୍ଦେଶ ଦିଆ। ଯାଇଛି।



ସଠିକ ଆକଳନ ତଥ୍ୟ ମିଳିବା ପରେ ଚାଷୀ ମାନଙ୍କୁ ସହାୟତା ରାଶି ମିଳିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ନଭେମ୍ବର ୨୦ ତାରିଖରୁ ଅଦିନିଆ ବର୍ଷା ଲାଗି ରହିବାରୁ ରାଜ୍ୟର ଅନେକ ଜିଲ୍ଲାରେ ଧାନ ଫସଲ ସମେତ ପନିପରିବା ଇତ୍ୟାଦି ନଷ୍ଟ ହୋଇ ଚାଷୀ ମାନେ ଅନେକ କ୍ଷୟକ୍ଷତିର ସମ୍ମୁଖୀନ ହୋଇଛନ୍ତି। ଏ ସଂପର୍କରେ ଗତକାଲି ଲୋକସେବା ଭବନ ଠାରେ ଏକ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଥିଲା। ଆଜି ମୁଖ୍ୟମନ୍ତ୍ରୀ ଏବଂ ଅନ୍ୟ ବରିଷ୍ଠ ମନ୍ତ୍ରୀ ମାନେ କ୍ଷତିଗ୍ରସ୍ତ ହୋଇଥିବା ବିଭିନ୍ନ ଜିଲ୍ଲା ଗସ୍ତ କରି କ୍ଷୟକ୍ଷତି ସ୍ଥିତି ଅନୁଧ୍ୟାନ କରିଛନ୍ତି।

ଆଜି ମୁଖ୍ୟମନ୍ତ୍ରୀ ପ୍ରଥମେ ନୟାଗଡ ଜିଲ୍ଲା ରଣପୁର ବ୍ଲକର ମଝିଆଖଣ୍ଡ ଓ କାଣ୍ଡପଡା ଗ୍ରାମ ପଞ୍ଚାୟତ ଚାଷ ଜମି ବୁଲି ଦେଖିଥିଲେ ପୋର୍ଟାଲର ତଥ୍ୟ ଅନୁଯାୟୀ ଜିଲ୍ଲାରେ ୬୩୫୦ ହେକ୍ଟର ଚାଷ ଜମିରେ କ୍ଷୟକ୍ଷତି ଘଟିଛି। ମୁଖ୍ୟମନ୍ତ୍ରୀଙ୍କ ସହ ସ୍ଥାନୀୟ ବିଧାୟକ ତଥା ବାଚସ୍ପତି ଶ୍ରୀମତୀ ସୁରମା ପାଢ଼ୀ ଉପସ୍ଥିତ ଥିଲେ।

ଗଜପତି ଜିଲ୍ଲା ଗୋଷାଣି ବ୍ଲକର ଉପଲଡା ଗ୍ରାମ ପଞ୍ଚାୟତ ଓ ଗୁରାଣ୍ଡି ଗ୍ରାମ ପଞ୍ଚାୟତ ଅଞ୍ଚଳର ଚାଷ ଜମିର କ୍ଷୟକ୍ଷତିକୁ ମଧ୍ୟ ମୁଖ୍ୟମନ୍ତ୍ରୀ ବୁଲି ଦେଖିଛନ୍ତି ଜିଲ୍ଲାରେ ୨୧୨୮.୫୮୬ ହେକ୍ଟର ଚାଷ ଜମିର ଫସଲ ନଷ୍ଟ ହୋଇଛି। ସେହିଭଳି ଜିଲ୍ଲାରେ ୧୨୧.୧୨୨ ହେକ୍ଟର ଜମିରେ କଟା ନ ହୋଇଥିବା ଧାନ ମଧ୍ୟ ନଷ୍ଟ ହୋଇଛି।ଗଞ୍ଜାମ ଜିଲ୍ଲା ଛତ୍ରପୁର ବ୍ଲକର ଲକ୍ଷ୍ମୀପୁର ପଞ୍ଚାୟତର ନାଉଳି ଏବଂ ରଙ୍ଗେଇଲୁଣ୍ଡା ଗ୍ରାମ ପଞ୍ଚାୟତର ଗଉଁଜୁ ଅଞ୍ଚଳର ଚାଷ ଜମିର କ୍ଷୟକ୍ଷତିକୁ ମଧ୍ୟ ମୁଖ୍ୟମନ୍ତ୍ରୀ ବୁଲି ଦେଖିଛନ୍ତି। ଜିଲ୍ଲାର ୩୭,୮୦୦ ହେକ୍ଟର ଜମିରେ ଖରିଫ ଫସଲ ନଷ୍ଟ ହୋଇଥିବା ବେଳେ ୮୨୨ ହେକ୍ଟର ଜମିରେ ପନିପରିବା ନଷ୍ଟ ହୋଇଛି ଏବଂ ଜିଲ୍ଲାର ୬୧୫୪୦ ଚାଷୀ ଏହି ଅଦିନିଆ। ବର୍ଷା ଦ୍ୱାରା ପ୍ରଭାବିତ ହୋଇଛନ୍ତି।ଏହି ସମସ୍ତ ଅଞ୍ଚଳରେ ମୁଖ୍ୟମନ୍ତ୍ରୀ ଚାଷୀଙ୍କ ଜମି ନିକଟକୁ ଯାଇ ସେମାନଙ୍କ ସହିତ ମିଶି କ୍ଷୟକ୍ଷତି ବୁଲି ଦେଖିଥିଲେ।

ଛତ୍ରପୁର ଠାରେ ସମୀକ୍ଷା ବୈଠକ ପରେ ମୁଖ୍ୟମନ୍ତ୍ରୀ କହିଥିଲେ ଯେ ଚାଷୀ ଭାଇ ଭଉଣୀନେ ହେଉଛନ୍ତି ଆମ ଦେଶର ମେରୁଦଣ୍ଡ। ଆମର ଅନ୍ନଦାତା। ଅଦିନିଆ। ବର୍ଷା ଯୋଗୁ ସେମାନଙ୍କର ବହୁ କ୍ଷତି ଘଟିଛି। ସରକାର ଚାଷୀ ମାନଙ୍କ ସହିତ ଅଛନ୍ତି ଓ ନିଶ୍ଚୟ ସେମାନଙ୍କୁ ସହାୟତା ପ୍ରଦାନ କରାଯିବ। ଯେଉଁ ସବୁ ଜିଲ୍ଲାରେ ବର୍ଷାଜନିତ ଫସଲ କ୍ଷୟକ୍ଷତି ଘଟିଛି, ସେ ସବୁ ଜିଲ୍ଲା ମାନଙ୍କରେ ପଞ୍ଜୀକୃତ ନ ହୋଇଥିବା ଆହୁରି ବହୁତ କ୍ଷତିଗ୍ରସ୍ତ ଚାଷୀ ରହିଯାଇଛନ୍ତି।

## କଳାହାଣ୍ଡି ଚାଷୀଙ୍କୁ ମୋଦୀଙ୍କ ପ୍ରଶଂସା

**ଭୁବନେଶ୍ୱର,୨୯।୧୨(ନି.ପ୍ର.):** ଆଜିର ଆଧୁନିକ ଯୁଗରେ ଯୁବ ଗୋଷ୍ଠୀ ଚାଷ ପ୍ରତି ଆଗ୍ରହ ପ୍ରକାଶ କରୁନଥିବା ବେଳେ କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକର ଜଣେ ଯୁବଚାଷୀ କୃଷ୍ଣଚନ୍ଦ୍ର ନାଗ ଟମାଟୋ ଚାଷ କରି ନିଜେ ସ୍ୱାବଲମ୍ବୀ ହେବା ସହିତ ଅଞ୍ଚଳର ୧୫୦ରୁ ଊର୍ଦ୍ଧ୍ୱ ଲୋକଙ୍କୁ ନିଜ ବଗିଚାରେ କାମ ଯୋଗାଇ ଦେଇ ସ୍ୱାବଲମ୍ବୀ ହେବାର ରାସ୍ତା ଦେଖାଇଛନ୍ତି। ତାଙ୍କର ଏହି ପ୍ରୟାସକୁ ଆଜି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମନ୍ କି ବାତ କାର୍ଯ୍ୟକ୍ରମରେ ସ୍ଥାନ କହିଛନ୍ତି।





ପ୍ରଧାନମନ୍ତ୍ରୀ ମୋଦୀ କହିଥଲେ ଯେ, କଳାହାଣ୍ଡି ଜିଲ୍ଲାର ଜଣେ ଚାଷୀଙ୍କ ପ୍ରୟାସ ପ୍ରଶଂସନୀୟ ହୋଇପାରିଛି। କମ୍ ପାଣି ଏବଂ କମ୍ ସଂସାଧନ ସତ୍ତ୍ୱେ ସଫଳତାର ନୂତନ କାହାଣୀ ଲେଖୁଛି। ଏହା ହେଉଛି କଳାହାଣ୍ଡିର ସବଜି କ୍ରାନ୍ତି ବା ପରିବା ବିପ୍ଳବ ସମୟ ଥିଲା ଯେଉଁଠି କୃଷକ ପଳାୟନ କରିବାକୁ ବାଧ ହେଉଥିଲା ଆଜି ସେଇଠି ଏକ ପରିବା ଭଣ୍ଡାରରେ ପରିଣତ ହୋଇଛି। ଏ ପରିବର୍ତ୍ତନ କିପରି ଆସିଲା ? ଏହାର ଆରମ୍ଭ ମାତ୍ର ୧୦ ଜଣ କୃଷକଙ୍କ ଗୋଟିଏ ଛୋଟିଆ। ସମୂହ ଦ୍ୱାରା ହୋଇଥିଲା। ସେମାନେ ମିଳିମିଶି ଗୋଟିଏ ଏଫପିଓ ବା କିଷାନ୍ ଉତ୍ପାଦକ ସଂଗଠନ ସ୍ଥାପନ କରିଥିଲେ। ଚାଷରେ ଆଧୁନିକ କୌଶଳ ପ୍ରୟୋଗ କରିବା ଆରମ୍ଭ କଲେ ଏବଂ ଆଜି ସେମାନଙ୍କର ଏହି ଏଫପିଓ କୋଟି କୋଟି ଟଙ୍କାର କାରବାର କରୁଛି। ଆଜି ୨୦୦ରୁ ଅଧିକ କୃଷକ ଏହି ଏଫପିଓ ସହ ଯୋଡ଼ି ହୋଇଛନ୍ତି, ଯେଉଁମାନଙ୍କ ମଧ୍ୟରେ ୪୫ ଜଣ ମହିଳା ଚାଷୀ ମଧ୍ୟ ଅଛନ୍ତି। ଏହି ଲୋକମାନେ ମିଶି ୨୦୦ ଏକର ଜମିରେ ବିଲାତି ବାଇଗଣ ଚାଷ କରୁଛନ୍ତି ଏବଂ ୧୫୦ ଏକର ଜମିରେ କଲରା ଉତ୍ପାଦନ କରୁଛନ୍ତି। ଏବେ ଏହି ଏଫପିଓର ବାର୍ଷିକ କାରବାର ରାଶି ଦେଢ଼ କୋଟିରୁ ଅଧିକ ହୋଇଗଲାଣି।ଆଜି କଳାହାଣ୍ଡିର ପରିବା ଖାଲି ଓଡ଼ିଶାରେ ନୁହେଁ, ବରଂ ଅନ୍ୟ ରାଜ୍ୟମାନଙ୍କରେ ମଧ୍ୟ ପହଞ୍ଚୁଛି ଏବଂ ସେଠିକାର କୃଷକମାନେ ଏବେ ଆଳୁ ଏବଂ ପିଆଜ ଚାଷର ନୂତନ ପ୍ରଣାଳୀ ଶିଖୁଛନ୍ତି।

ପ୍ରଧାନମନ୍ତ୍ରୀ ମୋଦୀ କହିଥିଲେ କଳାହାଣ୍ଡିର ଏହି ସଫଳତା ଆମକୁ ଶିଖାଉଛି ଯେ ସଂକଳ୍ପ, ଶକ୍ତି ଏବଂ ସାମୂହିକ ପ୍ରଚେଷ୍ଟା ଦ୍ୱାରା କଣ କରାଯାଇ ନ ପାରେ। ମୁଁ ଆପଣ ସମସ୍ତଙ୍କୁ ଅନୁରୋଧ କରୁଛି, ନିଜ ଅଞ୍ଚଳରେ ଏଫପିଓ ଗଠନକୁ ଉତ୍ସାହିତ କରନ୍ତୁ।କୃଷକ ଉତ୍ପାଦକ ସଂଗଠନଗୁଡ଼ିକ ସହିତ ଯୋଡ଼ିହୁଅନ୍ତୁ ଏବଂ ସେଗୁଡ଼ିକୁ ମଜଭୁତ କରନ୍ତୁ।ଛୋଟ ପ୍ରୟାସରୁ ମଧ୍ୟ ବଡ଼ ପରିବର୍ତ୍ତନ ସମ୍ଭବ ହୁଏ। ଖାଲି ଆମର ଦୃଢ଼ ସଂକଳ୍ପ ଏବଂ ସାମୂହିକ ଭାବନାର ଆବଶ୍ୟକତା ରହିଛି।

କଳାହାଣ୍ଡି ଜିଲ୍ଲା ଗୋଲାମୁଣ୍ଡା ବ୍ଲକ ସାନଚେରଗାଁର ଯୁବ ଚାଷୀ କୃଷ୍ଣଚନ୍ଦ୍ର ନାଗ ୨୦୦୮ ମସିହାରେ ପ୍ରଥମେ ୨୦ରୁ ୨୫ ଡିସମିଲ ଜମିରେ ଟମାଟୋ ଚାଷ ଆରମ୍ଭ କରିଥିଲେ। ସେତେବେଳେ ସେ ୭୨ କୁଇଣ୍ଟାଲ ଟମାଟୋ ଉତ୍ପାଦନ କରୁଥିଲେ। କିନ୍ତୁ ନିଜ ଖାଲୁଆ। ଜମିକୁ ସମତୁଲ କରି ଚଳିତ ବର୍ଷ ୨୦୦ ଏକର ଜମିରେ ଆଧୁନିକ ପ୍ରଣାଳୀରେ ଟମାଟୋ ଚାଷ କରିଛନ୍ତି। ଏଥିରୁ ସେ ୧.୫ କୋଟିରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରିବାର ଲକ୍ଷ୍ୟ ରଖିଛନ୍ତି।ଶ୍ରୀ ନାଗ ଚଳିତ ବର୍ଷ ୧୫୦ ଏକର ଜମିରେ କଲରା ଚାଷ କରି ୩୦ ଲକ୍ଷରୁ ଊର୍ଦ୍ଧ୍ୱ ଟଙ୍କା ରୋଜଗାର କରି ପାରିଛନ୍ତି। କମ ସାରରେ ଜୈବିକ ପଦ୍ଧତିରେ ଚାଷ କରୁଥିବାରୁ ତାଙ୍କର ଟମାଟୋ ପଶ୍ଚିମ ଓଡ଼ିଶାରେ ବେଶ ଚାହିଦା ରହିଛି। ଛତିଶଗଡ଼ର ବ୍ୟବସାୟୀମାନେ ତାଙ୍କ ବଗିଚାକୁ ଆସି ଟମାଟୋ ଓ କଲରା ନେଇଥାନ୍ତି। ଯୁବ ଚାଷୀଙ୍କ ଚାଷ ଓ କୃଷୀ ପ୍ରଣାଳୀକୁ ଦେଖିବାକୁ ବିଭିନ୍ନ କୃଷି ମହାବିଦ୍ୟାଳୟ ଛାତ୍ରଛାତ୍ରୀ, ରାଜ୍ୟ ତଥା ରାଜ୍ୟ ବାହାର କୃଷି ବିଭାଗର ଟିମ ମଧ୍ୟ ଚାଷ କାର୍ଯ୍ୟ ଦେଖିବାକୁ ଆସିଥାନ୍ତି। ଗୋଲାମୁଣ୍ଡା ବ୍ଲକର ଲୋକେ ବାହାର ରାଜ୍ୟକୁ ଦାଦନ ଖଟି ଯାଉଥିବା ବେଳେ ସାନଚେରଗାଁ ଭଳି ଏକ ଗାଉଲି ଗ୍ରାମରେ ସେ ଏକ ଉଚ୍ଚ ଶିକ୍ଷିତ ଯୁବକ ହୋଇ ଚାଷ କାର୍ଯ୍ୟକୁ ଜୀବିକା କରିବା ସହିତ ୧୫୦ରୁ ଊର୍ଦ୍ଧ୍ୱ ପରିବାରକୁ ପ୍ରତିପୋଷଣ କରିବାରେ ବଡ଼ ସହଯୋଗ କରୁଛନ୍ତି।

## ୪ ଡାକ୍ତର ବହିଷ୍କୃତ

**ବ୍ରହ୍ମପୁର,୨୯।୧୨:** ବ୍ରହ୍ମପୁର ଏମକେସିଜି ମେଡିକାଲ କଲେଜର ପିଜି ହଷ୍ଟେଲରେ ଡାକ୍ତରୀ ଛାତ୍ରଙ୍କୁ ମାଡ଼ ଘଟଣାରେ ୪ ଜଣ ଡାକ୍ତରଙ୍କୁ ବହିଷ୍କାର କରାଯାଇଛି। ଏମକେସିଜି ମେଡିକାଲ କଲେଜ ଡିନ୍ ଓ ଅଧ୍ୟକ୍ଷଙ୍କ କାର୍ଯ୍ୟାଳୟ ପକ୍ଷରୁ ଏନେଇ ଆଜି ନିର୍ଦ୍ଦେଶ ଜାରି କରାଯାଇଛି। ବହିଷ୍କୃତ ୪ ଡାକ୍ତର ହେଉଛନ୍ତି- ଅସ୍ଥିଶଲ୍ୟ ବିଭାଗର ଚୁକ୍ତିଭିତ୍ତିକ ସହକାରୀ ପ୍ରଫେସର ଡାକ୍ତର ପୁରୁଷୋତ୍ତମ ସ୍ୱାଇଁ, ଅସ୍ଥିଶଲ୍ୟ ବିଭାଗର ଚୁକ୍ତିଭିତ୍ତିକ ସିନିୟର ରେସିଡେଣ୍ଟ ଡାକ୍ତର ଆର୍ଯ୍ୟନ କୁମାର ମହାନ୍ତି ଓ ଡାକ୍ତର ଚିନ୍ମୟ ପ୍ରଧାନ ଏବଂ ଜେନେରାଲ ସର୍ଜରୀ ବିଭାଗର ପୋଷ୍ଟ ପିଜି ସିନିୟର ରେସିଡେଣ୍ଟ ଡାକ୍ତର ଯଶବନ୍ତ ବୀର। ଏହା ସହିତ ଅସ୍ଥିଶଲ୍ୟ ବିଭାଗର ଦ୍ୱିତୀୟ ବର୍ଷ ପିଜି ରେସିଡେଣ୍ଟ ଡାକ୍ତର ପ୍ରିୟଜୀତ ସାହୁଙ୍କ ଉପରେ ମଧ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତାଙ୍କୁ ୬ ମାସ ପାଇଁ ହଷ୍ଟେଲରୁ ବାହାରିଯିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଦୁଇ ଦିନ ଭିତରେ ଏହି ୫ ଡାକ୍ତରଙ୍କୁ ହଷ୍ଟେଲ ଖାଲି କରିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଓଲଟିଲା ଟୁରିଷ୍ଟ ବସ୍, ୪ ମୃତ



**ଜୟପୁର,୨୯।୧୨(ନି.ପ୍ର.):** କୋରାପୁଟ ଜିଲ୍ଲା ବୈପାରୀଗୁଡ଼ା ଥାନା ଡକରି ଘାଟିର ସୁକୁ ନାଳ ନିକଟରେ ଏକ ବସ୍ ଓଲଟି ପଡ଼ିବାରୁ ୪ ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ୨୮ ଜଣ ଆହତ ହୋଇଛନ୍ତି। ଆହତଙ୍କ ମଧ୍ୟରେ ଛୋଟ ଛୁଆ ମଧ୍ୟ ଅଛନ୍ତି। ଏହି ଘଟଣାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏହି ଦୁର୍ଘଟଣାରେ ମୃତାହତଙ୍କ ଅମର ଆତ୍ମାର ସଦଗତି କାମନା କରିବା ସହ ପରିବାରବର୍ଗଙ୍କ ପ୍ରତି ସମବେଦନା ଜଣାଇଛନ୍ତି। ମୃତକଙ୍କ ପରିବାରକୁ ୨ଲକ୍ଷ ଟଙ୍କାର ଅନୁକମ୍ପାମୂଳକ ସହାୟତା ରାଶି ଘୋଷଣା କରିଛନ୍ତି। ଏଥିସହ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଗୁରୁତର ଆହତଙ୍କ ତୁରନ୍ତ ଚିକିତ୍ସା ବ୍ୟବସ୍ଥା ପାଇଁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି।

କଟକ, ନିଆଳି, ନିମାପଡ଼ା ଓ ଭୁବନେଶ୍ୱରରୁ କିଛି ପରିବାର ଗତ ଶୁକ୍ରବାର ଏକ ବସ୍ ଭଡ଼ା କରି ରାଜ୍ୟର ବିଭିନ୍ନ ମନ୍ଦିର ଦର୍ଶନ ପାଇଁ ବାହାରିଥିଲେ। ବସରେ ୪୦ରୁ ଅଧିକ ଯାତ୍ରୀ ଥିଲେ। ସେମାନେ ଗତକାଲି କଳାହାଣ୍ଡିରେ ମା’ ମାଣିକେଶ୍ୱରୀଙ୍କ ଦର୍ଶନ କରିବା ପରେ କୋରାପୁଟର ପ୍ରସିଦ୍ଧ ଶୈବପୀଠ ଗୁପ୍ତେଶ୍ୱର ଅଭିମୁଖେ ବାହାରିଥିଲେ। ଆଜି ସକାଳେ ସେମାନେ ବାବା ଗୁପ୍ତେଶ୍ୱରଙ୍କ ଦର୍ଶନ କରିଥା’ନ୍ତେ। ତେବେ ଭୋରରେ ବସଟି ଡକରି ଘାଟି ପାର ହେଉଥିବା ବେଳେ ସୁକୁ ନାଳ ନିକଟରେ ଓଲଟି ପଡ଼ିଥିଲା। ଘଟଣାସ୍ଥଳରେ ୨ ଜଣଙ୍କର ମୃତ୍ୟୁ ଘଟିଥିବା ଜଣାପଡ଼ିଛି। ଆଉ ୨ ଜଣ ଚିକିତ୍ସାଧୀନ ଅବସ୍ଥାରେ ଡାକ୍ତରଖାନାରେ ପ୍ରାଣ ହରାଇଛନ୍ତି। ଆହତମାନଙ୍କ ମଧ୍ୟରୁ ପ୍ରାୟ ୧୦ ଜଣଙ୍କ ଅବସ୍ଥା ଗୁରୁତର ରହିଛି। ଜଣେ ନାବାଳିକାଙ୍କର ଗୋଟିଏ ଗୋଡ଼ ଓ ଗୋଟିଏ ହାତ କଟି ଯାଇଛି।

ଘଟଣା ସମ୍ପର୍କରେ ଖବର ପାଇ ସେଠାରେ ତୁରନ୍ତ ପହଞ୍ଚିଥିଲେ ରାମଗିରି ୧୮୦ ବାଟାଲିୟନ ବିଏସଏଫ୍ ଯବାନୟ ସେମାନେ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଥିଲେ। ପରେ ପରେ କୋରାପୁଟ ସ୍ଥିତ ଓଡ୍ରାଫ ଟିମ୍ ସହ ସ୍ଥାନୀୟ ଯୁବକ ମାନେ ଆସି ଉଦ୍ଧାର କାର୍ଯ୍ୟରେ ସହଯୋଗ କରିଥିଲେ। ବିଏସଏଫ୍ ଆମ୍ବୁଲାନ୍ସ ସହ ବୈପାରିଗୁଡ଼ା ଓ ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟର ଆମ୍ବୁଲାନ୍ସ ଦ୍ୱାରା ଆହତମାନଙ୍କୁ ବୈପାରିଗୁଡା, ଜୟପୁର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ଓ କୋରାପୁଟ ସ୍ଥିତ ସହିଦ ଲକ୍ଷ୍ମଣ ନାୟକ ମେଡିକାଲ କଲେଜ ଓ ହସ୍ପିଟାଲକୁ ନିଆଯାଇଥିଲା।

## ରନୱେରେ ବିମାନ ବିସ୍ଫୋରଣ, ଜଳିଗଲେ ୧୭୯ ଯାତ୍ରୀ

**ସିଓଲ,୨୯।୧୨:** ବର୍ଷ ଶେଷରେ ଛାତିଥରା ବିମାନ ଦୁର୍ଘଟଣା ଘଟିଛି। ତିନି ଦିନ ତଳେ ରୁଷିଆକୁ ଯାଉଥିବା ବିମାନ ଦୁର୍ଘଟଣା ହେବାରୁ ୪୦ରୁ ଊର୍ଦ୍ଧ୍ୱ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ଆଜି ଦକ୍ଷିଣ କୋରିଆରେ ରନୱେରେ ଅବତରଣ ବେଳେ ପାଚେରୀରେ ଧକ୍କା ହୋଇ ବିମାନ କ୍ରାଶ୍ ହେବାରୁ ୧୮୧ ଯାତ୍ରୀଙ୍କ ମଧ୍ୟରୁ ୧୭୯ ଜଣ ଯାତ୍ରୀ ଜୀବନ୍ତଦଗ୍ଧ ହେବା ଘଟଣା ସାରା ବିଶ୍ୱକୁ ସ୍ତବ୍ଧ କରିଦେଇଛି। ଜେଜୁ ଏୟାରଲାଇନ୍ସର ଏହି ବିମାନରେ ୧୭୫ ଜଣ ଯାତ୍ରୀ ଓ ୬ ଜଣ କ୍ରୁ ସଦସ୍ୟଙ୍କୁ ମିଶାଇ ମୋଟ ୧୮୧ ଜଣ ଥିଲେ। ମୃତକଙ୍କ ମଧ୍ୟରୁ ମାତ୍ର୬୦ ଜଣଙ୍କୁ ଚିହ୍ନଟ କରାଯାଇଛି। ତେବେ ସୌଭାଗ୍ୟବଶତଃ ଦୁଇ ଜଣଙ୍କୁ ଜୀବନ୍ତଉଦ୍ଧାର କରାଯାଇଛି। ଜାତୀୟ ଗଣମାଧ୍ୟମ ଅନୁଯାୟୀ, ଆଜି ଦକ୍ଷିଣ କୋରିଆରେ ସକାଳ ୯.୦୭ ମିନିଟରେ ହୋଇଥିବା ବିମାନ ଦୁର୍ଘଟଣା ହୋଇଥିଲା। ତେବେ ଏହି ଭୟଙ୍କର ଦୁର୍ଘଟଣାର କାରଣ ଖୋଜୁଛନ୍ତି ଦକ୍ଷିଣ କୋରିଆ। ତଦନ୍ତକାରୀ ସଂସ୍ଥା। ମୋଟ୍ ୧୮୧ଜଣ ମଧ୍ୟରୁ ୧୭୯ ସାଉଥ୍



କୋରିଆ ଏବଂ ୨ଜଣ ଥାଇଲାଣ୍ଡର ଯାତ୍ରୀ ଥିଲେ।

ଜେଜୁ ଏୟାର ବୋଇଂ ୭୩୭-୮୦୦ ବିମାନଟି ବ୍ୟାଙ୍ଗକକରୁ ଫେରୁଥିବା ବେଳେ ଏହା ଦକ୍ଷିଣ କୋରିଆର ମୁଆନ ଅନ୍ତର୍ଜାତୀୟ ବିମାନବନ୍ଦରରେ ସକାଳ ସାଢ଼େ ୮ଟାରେ ଲ୍ୟାଣ୍ଡିଂ କରିବାର ଥିଲା। ହେଲେ ଅନ୍ତର୍ଜାତୀୟ ଗଣମାଧ୍ୟମ ରିପୋର୍ଟ ଅନୁସାରେ ଏକ ପକ୍ଷୀ ମାଡ଼ ହୋଇଯିବା କାରଣରୁ ବିମାନଟି ପ୍ରଥମ ପ୍ରୟାସରେ ଲ୍ୟାଣ୍ଡିଂ କରିବାକୁ ଅସମର୍ଥ ହୋଇଥିଲା। ଏହାପରେ ରନୱେରେ ଦ୍ରୁତ ଗତିର ଘୋଷାଡ଼ି ହୋଇଯିବା ସହ ଏକ ବିମାନବନ୍ଦର ବାଡ଼ରେ ଧକ୍କା ହୋଇ ଏହା ବିସ୍ଫୋରଣ ହୋଇଥିଲା। ଏହାପରଠାରୁ ଉଦ୍ଧାର କାର୍ଯ୍ୟ ଜାରି ରହିଥିବାବେଳେ ଦୁର୍ଘଟଣାର ପ୍ରକୃତ କାରଣ ଜାଣିବା ପାଇଁ ଏହାର ତଦନ୍ତ ଆରମ୍ଭ ହୋଇଛି।

ତେବେ ବିମାନରେ ପକ୍ଷୀ ମାଡ଼ ହେବା ପୂର୍ବରୁ ଏହାର ସମ୍ଭାବନାକୁ ନେଇ ଏୟାର ଟ୍ରାଫିକ କଣ୍ଟ୍ରୋଲରଙ୍କ ଦ୍ୱାରା ଆଲର୍ଟ ମଧ୍ୟ ଜାରି କରାଯାଇଥିଲା। ହେଲେ ଆଲର୍ଟ ଜାରି ହେବାର କେବଳ ଦୁଇ ମିନିଟ ମଧ୍ୟରେ ପ୍ଲେନଟି ଧ୍ୱଂସ ହୋଇଯାଇଥିଲା ବୋଲି କହିଛନ୍ତି ଦକ୍ଷିଣ କୋରିଆର ଜଣେ ବିମାନ ସେବା ଅଧିକାରୀ ଜୁ ଜୋଙ୍ଗ-ୱାନ। ଏହି ଦୁର୍ଘଟଣା ସମୟର ଭୟଙ୍କର ଭିଡିଓ ମଧ୍ୟ ସୋଶାଲ ମିଡିଆରେ ଭାଇରାଲ ହେଉଛି।

ନ୍ୟୁୟର୍କ ଟାଇମ ରିପୋର୍ଟ ଅନୁସାରେ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଥିବା ଜଣେ କ୍ରୁ ସଦସ୍ୟ ତଦନ୍ତକାରୀ ଅଧିକାରୀଙ୍କୁ କହିଛନ୍ତି ଯେ ଏୟାରପୋର୍ଟରେ ଲ୍ୟାଣ୍ଡିଂ କରିବାର କିଛି ସମୟ ପୂର୍ବରୁ ବିମାନର ଗୋଟିଏ ଇଞ୍ଜିନ ବିସ୍ଫୋରଣ ହୋଇଥିଲା। ସ୍ଥାନୀୟ ଏକ ଟିଭି ଚ୍ୟାନେଲ ମଧ୍ୟ ଏହି ସମୟର ଭିଡିଓ ଦେଖାଇଛି। ତେବେ ବିମାନରେ ପକ୍ଷୀ ଧକ୍କା ହେବା ସହ ଦୁର୍ଘଟଣା ପାଇଁ ଆଉ କଣ ସବୁ କାରଣ ଥାଇପାରେ, ସେନେଇ ତଦନ୍ତ ଚାଲିଛି। ମୁଆନ ଅଗ୍ନିଶମ ବିଭାଗ ମୁଖ୍ୟ କହିଛନ୍ତି ଯେ ପ୍ରାଥମିକ ତଦନ୍ତରୁ ଜଣାପଡୁଛି ଯେ ପକ୍ଷୀଟିଏ ବିମାନରେ ଧକ୍କା ହେବା ଓ ପ୍ରତିକୂଳ ପାଗ କାରଣରୁ ଏହି ଦୁର୍ଘଟଣା ଘଟିଛି। ତେବେ ଦୁର୍ଘଟଣାର ପ୍ରକୃତ କାରଣ ତଦନ୍ତ ପରେ ସ୍ପଷ୍ଟ ହେବ। ବିମାନ ବନ୍ଦର କର୍ତ୍ତୃପକ୍ଷଙ୍କ ଅନୁଯାୟୀ, ବିମାନରେ କୌଣସି ପକ୍ଷୀ ମାଡ଼ ହେବା କିମ୍ବା ଲ୍ୟାଣ୍ଡିଂ ଫେଲ୍ ପାଇଁ ଏତେ ବଡ଼ ଦୁର୍ଘଟଣା ହୋଇଥିବା ଆଶଙ୍କା କରାଯାଉଛି। ବିମାନ ଦୁର୍ଘଟଣାକୁ ନେଇ ଥାଇଲାଣ୍ଡ ପ୍ରଧାନମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି।

## ୩୧ ଓ ୧ରେ ସିଂହଦ୍ୱାର ଦେଇ ପ୍ରବେଶ

**ପୁରୀ,୨୯।୧୨(ନି.ପ୍ର.):** ଦୁଇ ଦିନ ପରେ କ୍ୟାଲେଣ୍ଡ ନୂଆବର୍ଷ-୨୦୨୫ ଆସିବ। ନୂଆବର୍ଷ ପାଇଁ ଯୁବପି ଉତ୍ସାହିତ ଦେଖାଯାଇଛନ୍ତି। ମନ୍ଦିର, ପର୍ଯ୍ୟଟନ ସ୍ଥଳୀ, ହୋଟେଲ, ରେଷ୍ଟୁରାଣ୍ଟ, ପାର୍କ ଆଦି ସ୍ଥଳରେ ମଧ୍ୟ ପ୍ରସ୍ତୁତି କରାଯାଇଛି। ପୁରୀ ଶ୍ରୀମନ୍ଦିରରେ ମଧ୍ୟ ଲକ୍ଷାଧିକ ଭକ୍ତଙ୍କର ସମାଗମକୁ ଦୃଷ୍ଟିରେ ରଖି ପ୍ରସ୍ତୁତି ଚାଲିଛି। ପ୍ରବଳ ଭିଡ଼କୁ ଦୃଷ୍ଟିରେ ରଖି ୨୦୨୪ ଡିସେମ୍ବର ୩୧ (ମଙ୍ଗଳବାର) ଓ ୨୦୨୫ ଜାନୁଆରି ୧ (ବୁଧବାର) ଦିନ ସାଧାରଣ ଭକ୍ତମାନଙ୍କୁ କେବଳ ସିଂହଦ୍ୱାର ଦେଇ ଶ୍ରୀମନ୍ଦିର ଭିତରକୁ ପ୍ରବେଶ ପାଇଁ ଅନୁମତି ମିଳିବ। ଭକ୍ତମାନେ ଅନ୍ୟ ୩ଟି ଦ୍ୱାର ଦେଇ ଶ୍ରୀମନ୍ଦିରକୁ ପ୍ରବେଶ କରିପାରିବେ ନାହିଁ। କିନ୍ତୁ ପ୍ରସ୍ଥାନ କରିପାରିବେ। ଏନେଇ ଶ୍ରୀମନ୍ଦିର ପ୍ରଶାସନ ପକ୍ଷରୁ ସୂଚନା ଦିଆଯାଇଛି। ଇଂରାଜୀ ନୂଆବର୍ଷରେ ଉଭୟ ଶ୍ରୀମନ୍ଦିର ଓ ବେଳାଭୂମିରେ ଲକ୍ଷାଧିକ ଭକ୍ତ ତଥା ପର୍ଯ୍ୟଟକଙ୍କ ସମାଗମ ହେବୟ ଭିଡ଼କୁ ଦୃଷ୍ଟିରେ ରଖି ଜିଲ୍ଲା ପୁଲିସ ପକ୍ଷରୁ ବ୍ୟାପକ ପ୍ରସ୍ତୁତି ଆରମ୍ଭ ହୋଇଛି। ଶ୍ରୀମନ୍ଦିର ଭିତର, ବାହାର ସହ ବିଭିନ୍ନ ପର୍ଯ୍ୟଟନସ୍ଥଳୀ ଉପରେ ବି ନଜର ରଖାଯାଇଛି। ଭିଡ଼ ନିୟନ୍ତ୍ରଣ ଓ ଟ୍ରାଫିକ୍ ପରିଚାଳନା ପାଇଁ ଜିଲ୍ଲାରେ ୯୦ ଅଧିକାରୀଙ୍କ ସହ ୬୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯିବ।

## ‘ଜିନ୍ନତ’କୁ ଟ୍ରାଙ୍କୁଲାଇଜ୍

**ଭୁବନେଶ୍ୱର,୨୯।୧୨(ନି.ପ୍ର.):** ଝାରଖଣ୍ଡରୁ ଆସି ପଶ୍ଚିମବଙ୍ଗର ଘଞ୍ଚ ଜଙ୍ଗଲରେ ଘୁରି ବୁଲୁଥିଲା ବାଘୁଣୀ ‘ଜିନ୍ନତ’। ଜମାରୁ ସେ ଶିମିଳିପାଳ ଅଭୟାରଣ୍ୟକୁ ଫେରୁନଥିଲା। ଯାହାକୁ ନେଇ ପଡ଼ିଯାଇଥିଲେ ଶିମିଳିପାଳ ପ୍ରାଣି ଉଦ୍ୟାନ୍ କର୍ତ୍ତୃପକ୍ଷ। ଦୀର୍ଘ ସମୟର ଲୁଚକାଳି ପରେ ଆଜି ବାଘୁଣୀ ‘ଜିନ୍ନତ’କୁ ଟ୍ରାଙ୍କୁଲାଇଜ୍ କରାଯାଇଛି। ‘ଜିନ୍ନତ’ ଟ୍ରାଙ୍କୁଲାଇଜ୍ ନେଇ ସୂଚନା ଦେଇଛନ୍ତି ବାରିପଦା ଆରସିସିଏଫ ପ୍ରକାଶ ଗୋଗିନେନି।ଝାଡ଼ଖଣ୍ଡ ଛାଡ଼ିବା ପରେ ‘ଜିନ୍ନତ’ ପଶ୍ଚିମବଙ୍ଗର ଝାରଗ୍ରାମ, ପୁରୁଲିଆ। ଦେଇ ବାଙ୍କୁରା ଜିଲ୍ଲାରେ ଘୁରି ବୁଲୁଲା। ତା’ର ଗତିବିଧି ଉପରେ ଓଡ଼ିଶା ଓ ପଶ୍ଚିମବଙ୍ଗ ବନ ବିଭାଗ ନଜର ରଖିଥିଲେ। ‘ଜିନ୍ନତ’ ଶିମିଳିପାଳ ଫେରୁନଥିବାରୁ ଟ୍ରାଙ୍କୁଲାଇନ୍ କରିବା ପାଇଁ ବନ ବିଭାଗ ନିଷ୍ପତ୍ତି ନେଇଥିଲା। ତେଣୁ ଟ୍ରାଙ୍କୁଲାଇଜ୍ ପାଇଁ ସ୍ୱତନ୍ତ୍ର ଟିମ୍ ବାଙ୍କୁରା ଯାଇଥିଲା। ହେଲେ ବନ ବିଭାଗ କର୍ମଚାରୀଙ୍କୁ ଚକ୍କା ଦେଇ ଲୁଚି ଯାଉଥିଲା ‘ଜିନ୍ନତ’। ଯାହାଫଳରେ ଟ୍ରାଙ୍କୁଲାଇଜ୍ କରାଯାଇ ପାରୁନଥିଲା।



ଡ୍ରୋନ୍ ମାଧ୍ୟମରେ ‘ଜିନ୍ନତ’ର ଲୋକେସନ ଟ୍ରାକ୍ କରାଯାଇଥିଲା। ଲୋକେସନ୍ ମିଳିବା ପରେ ଜିନ୍ନତ ଘୁରି ବୁଲୁଥିବା ଅଞ୍ଚଳକୁ ଚାରିପାଖରୁ ଜାଲ ବିଛା ଯାଇଥିଲା। ତା’ପରେ ଜିନ୍ନତକୁ ଲକ୍ଷ୍ୟ କରି ଟ୍ରାଙ୍କୁଲାଇଜର କରିଥିଲେ ବନ ବିଭାଗ ଟିମ୍। ଟ୍ରାଙ୍କୁଲାଇଜ୍ ପରେ ଜିନ୍ନତକୁ ପଶ୍ଚିମବଙ୍ଗର ଆଲିପୁର ଚିଡିଆଖାନାକୁ ନିଆଯାଇଛି। ସେଠାରେ ତାର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ତା’ପରେ ତାକୁ ଶିମିଳିପାଳ ଅଭୟାରଣ୍ୟକୁ ଫେରାଇ ଅଣାଯିବ।ବର୍ତ୍ତମାନ ବାଘୁଣୀ ଜିନ୍ନତ ସମ୍ପୂର୍ଣ୍ଣ ସୁସ୍ଥ ଥିବା ବାରିପଦା ଜଉଉର ପ୍ରକାଶ ଗୋଗିନେନି କହିଛନ୍ତି।

## ମନମୋହନଙ୍କ ଚିତାଭସ୍ମ ବିସର୍ଜନ



ନୂଆଦିଲ୍ଲୀ,୨୯।୧୨: ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଚିତାଭସ୍ମକୁ ଆଜି ତାଙ୍କ ପରିବାର ସଦସ୍ୟମାନେ ମଜ୍ନୁ କା ତିଲା ଗୁରୁଦ୍ୱାର ନିକଟ ଯମୁନା ନଦୀରେ ବିସର୍ଜନ କରିଛନ୍ତି।

ପରିବାର ସଦସ୍ୟ ରବିବାର ସକାଳେ ନଗମବୋଧ ଘାଟରୁ ଚିତାଭସ୍ମ ସଂଗ୍ରହ କରି ଯମୁନା ନଦୀର ଅସ୍ତ ଘାଟକୁ ନେଇଥିଲେ। ଏହି ସମୟରେ ମନମୋହନଙ୍କ ସ୍ତ୍ରୀ ଗୁରଶରନ କୌର, ଝିଅ ଉପିନ୍ଦର, ଦାମନ ଏବଂ ଅମ୍ରିତା ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ଶିଖ୍ ରୀତିନୀତି ଅନୁଯାୟୀ, ଜାନୁଆରୀ ୧ରେ ତାଙ୍କ ପରିବାର ୩, ମୋତିଲାଲ ନେହେରୁ ଗାର୍ଗ ସରକାରୀ କାର୍ଯ୍ୟାଳୟରେ ପରିବାର ପକ୍ଷରୁ ଅଖଣ୍ଡ ପଥ ଅନୁଷ୍ଠିତ ହେବ। ପାର୍ଲାମେଣ୍ଟ କମ୍ପ୍ଲେକ୍ସ ନିକଟ ରାକବ ଗଞ୍ଜ ଗୁରୁଦ୍ୱାରାରେ ଜାନୁଆରୀ ୩ରେ ଭୋଗ ଉତ୍ସବ, ଅନ୍ତିମ ଅର୍ଦସ ଏବଂ କୀର୍ତ୍ତନ ଆୟୋଜନ ହେବ ୨୬ ତାରିଖରେ ଦିଲ୍ଲୀ ଏମ୍ସରେ ମନମୋହନଙ୍କ ପରଲୋକ ଘଟିଥିଲା।

## 'ସମଗ୍ର ଦେଶ ଏକଜୁଟ ହେଉ' ଏହା ହିଁ ହେଉଛି ମହାକୁମ୍ଭର ବାର୍ତ୍ତା : ପ୍ରଧାନମନ୍ତ୍ରୀ

ନୂଆଦିଲ୍ଲୀ,୨୯।୧୨(ପିଆଇବି): ଆଜି 'ମନ୍ କି ବାତ'ର ୧୧୭ତମ ସଂସ୍କରଣରେ ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ତି ଯେ ମହାକୁମ୍ଭର ବିଶେଷତ୍ୱ କେବଳ ଏହାର ବିଶାଳତା ନୁହେଁ ବରଂ ଏହାର ବିବିଧତା ମଧ୍ୟରେ ବି ରହିଛି। ଏହି କାର୍ଯ୍ୟକ୍ରମ ପାଇଁ କୋଟି କୋଟି ଲୋକ ଏକାଠି ହୁଅନ୍ତି। ଲକ୍ଷ ଲକ୍ଷ ସାଧୁ, ହଜାର ହଜାର ପରମ୍ପରା, ଶହ ଶହ ଧାର୍ମିକ ଗୋଷ୍ଠୀ, ଅନେକ ଆଖଡ଼ା, ସମସ୍ତେ ଏହି କାର୍ଯ୍ୟକ୍ରମରେ ସାମିଲ ହୁଅନ୍ତି। କୌଣସି ସ୍ଥାନରେ ଭେଦଭାବ ନାହିଁ, କେହି ବଡ଼ ନୁହଁନ୍ତି, କେହି ଛୋଟ ନୁହଁନ୍ତି ବୋଲି ଶ୍ରୀ ମୋଦୀ ଆଲୋକପାତ କରିଥିଲେ। ବିବିଧତା ଭିତରେ ଏକତାର ଏଭଳି ଦୃଶ୍ୟ ପୃଥିବୀର ଅନ୍ୟ କୌଣସି ସ୍ଥାନରେ ଦେଖିବାକୁ ମିଳେ ନାହିଁ। ତେଣୁ ଆମ କୁମ୍ଭ ମଧ୍ୟ ଏକତାର ମହାକୁମ୍ଭ ଆଗାମୀ ମହାକୁମ୍ଭ ଏକତାର ମହାକୁମ୍ଭର ମନ୍ତ୍ରକୁ ମଧ୍ୟ ସୁଦୃଢ଼ କରିବ। ଏକତାର ସଂକଳ୍ପ ନେଇ ମହାକୁମ୍ଭରେ ଅଂଶଗ୍ରହଣ କରିବାକୁ ସେ ନାଗରିକମାନଙ୍କୁ ଆହ୍ୱାନ ଦେଇଥିଲେ।



ଆସନ୍ତୁ ସମାଜରେ ଥିବା ବିଭାଜନ ଓ ଘୃଣା ଭାବନାକୁ ଦୂର କରିବା ପାଇଁ ସଂକଳ୍ପ ନେବା। ଯଦି ମୋତେ କିଛି ଶବ୍ଦରେ କହିବାକୁ ପଡିବ, ତେବେ ମୁଁ କହିବି ମହାକୁମ୍ଭ କା ସନ୍ଦେଶ, ଏକ ହୋ ପୁରା ଦେଶ ମହାକୁମ୍ଭର ବାର୍ତ୍ତା, ସମଗ୍ର ଦେଶ ଏକଜୁଟ ହେଉ ଏବଂ ଏହାକୁ ଅନ୍ୟ ଉପାୟରେ ରଖି ମୁଁ 'ଗଙ୍ଗା କି ଅବିରଲ ଧରା', ନା ବଣ୍ଟେ ସମାଜ ହମାରା କୁ ପ୍ରକାଶ କରିବି। ଗଙ୍ଗାର ନିରବଚ୍ଛିନ୍ନ ପ୍ରବାହ ପରି ଆମ ସମାଜକୁ ଅବିଭକ୍ତ କରାଯାଉ ବୋଲି ସେ କହିଥିଲେ।

ପ୍ରୟାଗରାଜରେ ଏଥର ଦେଶ ଓ ବିଶ୍ୱର ଶ୍ରଦ୍ଧାଳୁମାନେ ଡିଜିଟାଲ ମହାକୁମ୍ଭର ସାକ୍ଷୀ ହେବେ ବୋଲି ଶ୍ରୀ ମୋଦୀ ସୂଚନା ଦେଇଛନ୍ତି। ଡିଜିଟାଲ ନେଭିଗେସନ୍ ସାହାଯ୍ୟରେ ଆପଣ ସାଧୁଙ୍କ ବିଭିନ୍ନ ଘାଟ, ମନ୍ଦିର ଓ ଆଖଡ଼ାରେ ପହଞ୍ଚି ପାରିବେ। ସମାନ ନେଭିଗେସନ୍ ବ୍ୟବସ୍ଥା ଆପଣଙ୍କୁ ପାର୍କିଂ ସ୍ଥାନରେ ପହଞ୍ଚିବାରେ ମଧ୍ୟ ସାହାଯ୍ୟ କରିବ। କୁମ୍ଭ ମେଳାରେ ପ୍ରଥମ ଥର ପାଇଁ ଏଆଇ ଚାଟବଟ୍ ବ୍ୟବହାର କରାଯିବ। ଏଆଇ ଚାଟବଟ ମାଧ୍ୟମରେ କୁମ୍ଭ ସମ୍ବନ୍ଧୀୟ ସମସ୍ତ ପ୍ରକାର ସୂଚନା ୧୧ଟି ଭାରତୀୟ ଭାଷାରେ ଉପଲବ୍ଧ ହେବ। ଏହି ଚାଟବଟ୍ ଜରିଆରେ ଯେ କୌଣସି ବ୍ୟକ୍ତି ଅକ୍ଷର ଟାଇପ୍ କରି କିମ୍ବା ବାର୍ତ୍ତା ପ୍ରେରଣ କରି ଯେକୌଣସି ପ୍ରକାରର ସାହାଯ୍ୟ ମାଗିପାରିବେ। ସମଗ୍ର ମେଳା ଅଞ୍ଚଳକୁ ଏଆଇ ଚାଳିତ କ୍ୟାମେରାରେ ଆଚ୍ଛାଦିତ କରାଯାଉଛି। କୁମ୍ଭ ସମୟରେ ଯଦି କେହି ନିଜ ସମ୍ପର୍କୀୟଙ୍କଠାରୁ ଅଲଗା ହୋଇଯାଆନ୍ତି, ତେବେ ଏହି କ୍ୟାମେରା ତାଙ୍କୁ ଖୋଜିବାରେ ସହାୟକ ହେବ ଶ୍ରଦ୍ଧାଳୁମାନେ ସାମଗ୍ରୀ ହଜିବା ଓ ମିଳିବା କେନ୍ଦ୍ରରେ ଡିଜିଟାଲ ସୁବିଧା ମଧ୍ୟ ପାଇବେ ଭକ୍ତମାନଙ୍କୁ ସେମାନଙ୍କ ମୋବାଇଲ୍ ଫୋନ୍ ରେ ସରକାରଙ୍କ ଅନୁମୋଦିତ ଟୁର୍ ପ୍ୟାକେଜ୍, ରହିବା ଏବଂ ହୋମ୍-ଷ୍ଟେ ବିଷୟରେ ସୂଚନା ପ୍ରଦାନ କରାଯିବ ମହାକୁମ୍ଭ ପରିଦର୍ଶନ କରିବା ସମୟରେ ଏହି ସୁବିଧାର ଲାଭ ଉଠାଇ ସହ ସେଲ୍ଫି ଅପଲୋଡ୍ କରିବାକୁ ଶ୍ରୀ ମୋଦୀ ଆହ୍ୱାନ ଦେଇଥିଲେ।

ଦେଶବାସୀଙ୍କୁ ସମ୍ବୋଧିତ କରି ପ୍ରଧାନମନ୍ତ୍ରୀ ଏହା ଉପରେ ଆଲୋକପାତ କରିଥିଲେ ଯେ ଭାରତୀୟ ସଂସ୍କୃତିର ଚମକ ଆଜି ବିଶ୍ୱର କୋଣ ଅନୁକୋଣରେ କିପରି ପ୍ରସାରିତ ହେଉଛି। ଇଜିପ୍ଟର ଜଣେ ୧୩ ବର୍ଷୀୟ ଦିବ୍ୟାଙ୍ଗ ନାବାଳିକା ନିଜ ପାଟିରେ ତିଆରି କରିଥିବା ତାଜମହଲର ଏକ ଚମତ୍କାର ଚିତ୍ର ବିଷୟରେ ସେ ଉଲ୍ଲେଖ କରିଥିଲେ। ଶ୍ରୀ ମୋଦୀ ସୂଚନା ଦେଇଥିଲେ ଯେ କିଛି ସପ୍ତାହ ତଳେ ଇଜିପ୍ଟରୁ ପ୍ରାୟ ୨୩ ହଜାର ଛାତ୍ରଛାତ୍ରୀ ଏକ ଚିତ୍ରାଙ୍କନ ପ୍ରତିଯୋଗିତାରେ ଅଂଶଗ୍ରହଣ କରିଥିଲେ, ଯେଉଁଠାରେ ସେମାନଙ୍କୁ ଭାରତୀୟ ସଂସ୍କୃତି ଏବଂ ଦୁଇ ଦେଶ ମଧ୍ୟରେ ଐତିହାସିକ ସମ୍ପର୍କକୁ ଦର୍ଶାଉଥିବା ଚିତ୍ର ପ୍ରସ୍ତୁତ କରିବାକୁ ପଡ଼ିଥିଲା ଏହି ପ୍ରତିଯୋଗିତାରେ ଭାଗ ନେଇଥିବା ଯୁବକମାନଙ୍କୁ ପ୍ରଶଂସା କରି ପ୍ରଧାନମନ୍ତ୍ରୀ କହିଥିଲେ ଯେ ସେମାନଙ୍କ ସୃଜନଶୀଳତା ପାଇଁ କୌଣସି ପ୍ରଶଂସା ଯଥେଷ୍ଟ ହେବ ନାହିଁ।

## ରାଷ୍ଟ୍ରପତିଙ୍କୁ ମହାକୁମ୍ଭ ପାଇଁ ନିମନ୍ତ୍ରଣ କଲେ ଯୋଗୀ



ନୂଆଦିଲ୍ଲୀ:୨୯।୧୨) ଉତ୍ତରପ୍ରଦେଶ ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥ ରବିବାର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କୁ ଭେଟି ମହାକୁମ୍ଭ ପାଇଁ ନିମନ୍ତ୍ରଣ କରିଛନ୍ତି।ପ୍ରୟାଗରାଜରେ ହେବାକୁ ଥିବା ମହାକୁମ୍ଭ-୨୦୨୫ ପାଇଁ ମୁଖ୍ୟମନ୍ତ୍ରୀ ଉପରାଷ୍ଟ୍ରପତି ଜଗଦୀପ ଧନଖର, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ଏବଂ ଦିଲ୍ଲୀ ଉପରାଜ୍ୟପାଳ ବିନୟ କୁମାର ସକ୍ସେନାଙ୍କୁ ନିମନ୍ତ୍ରଣ କରିଛନ୍ତି। ଏଥିସହିତ ଯୋଗୀ ତାଙ୍କ 'ଏକ୍ସ' ହ୍ୟାଣ୍ଡେଲରେ ବିଶିଷ୍ଟ ବ୍ୟକ୍ତିମାନଙ୍କୁ ଭେଟିବାର ଏକ ଫଟୋ ପୋଷ୍ଟ କରି ମୂଲ୍ୟବାନ ସମୟ ଦେଇଥିବାରୁ ସେମାନଙ୍କୁ ଧନ୍ୟବାଦ ଜଣାଇଛନ୍ତି। ମହାକୁମ୍ଭ ଆରମ୍ଭ ହେବାକୁ ଆଉ ମାତ୍ର ଅଳ୍ପ ଦିନ ବାକି ରହିଛି। ମୁଖ୍ୟମନ୍ତ୍ରୀ ଯୋଗୀ ଏବଂ ତାଙ୍କ ମନ୍ତ୍ରୀମାନେ ମହାକୁମ୍ଭ ପାଇଁ ସ୍ୱତନ୍ତ୍ର ଏବଂ ସାଧାରଣ ଲୋକଙ୍କୁ ନିମନ୍ତ୍ରଣ କରିବାକୁ ବିଭିନ୍ନ ରାଜ୍ୟକୁ ଯାଉଛନ୍ତି। ମହାକୁମ୍ଭ ଆରମ୍ଭ ହେବାକୁ ଆଉ ମାତ୍ର ଅଳ୍ପ ଦିନ ବାକି ରହିଛି ମୁଖ୍ୟମନ୍ତ୍ରୀ ଯୋଗୀ ଏବଂ ତାଙ୍କ ମନ୍ତ୍ରୀମାନେ ମହାକୁମ୍ଭ ପାଇଁ ସ୍ୱତନ୍ତ୍ର ଏବଂ ସାଧାରଣ ଲୋକଙ୍କୁ ନିମନ୍ତ୍ରଣ କରିବାକୁ ବିଭିନ୍ନ ରାଜ୍ୟକୁ ଯାଉଛନ୍ତି। ଏହାପୂର୍ବରୁ ସେ ପୂର୍ବତନ ରାଷ୍ଟ୍ରପତି ରାମନାଥ କୋବିନ୍ଦ, ଗୃହମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ, ବିଜେପି ରାଷ୍ଟ୍ରୀୟ ଅଧକ୍ଷ ତଥା କେନ୍ଦ୍ର ସ୍ୱାସ୍ଥ୍ୟମନ୍ତ୍ରୀ ଜେପି ନଡ୍ଡା ଏବଂ ମିଜୋରାମ ରାଜ୍ୟପାଳ ଜେନେରାଲ ଭିକେ ସିଂହଙ୍କୁ ଭେଟି ଏହି କାର୍ଯ୍ୟକ୍ରମକୁ ନିମନ୍ତ୍ରଣ କରିଥିଲେ।

## ଶିଶୁ ହତ୍ୟାକାରୀ ଜମାଟୋ ଡେଲିଭରି ବୟ ଗିରଫ

ମୁମ୍ବାଇ,୨୯।୧୨: ଭଜନପୁର ପୋଲିସ ଷ୍ଟେଶନରେ ପଞ୍ଜୀକୃତ ହୋଇଥିବା ଅପହରଣ ଓ ହତ୍ୟା ମାମଲାରେ ଦୋଷୀ ସାବ୍ୟସ୍ତ ହୋଇଥିବା ପାରୋଲ ଜମ୍ପରଙ୍କୁ ମୁମ୍ବାଇର ଏକ ଜନବହୁଳ ଅଞ୍ଚଳରୁ କ୍ରାଇମ ବ୍ରାଞ୍ଚ ଦଳ ଗିରଫ କରିଛି। ୨୦୧୦ରେ ଅଭିଯୁକ୍ତ ପାରୋଲରୁ ଡେଇଁପଡିଥିଲେ ଏବଂ ଏହା ପରେ ପାଞ୍ଚ ବର୍ଷ ପର୍ଯ୍ୟନ୍ତ ସେ ଫେରାର ଥିଲେ।



ସେ ଆଗ୍ରା ଗାନ୍ଧୀ ନଗରର ବାସିନ୍ଦା ଅଜୟ କୁମାର ତ୍ରିପାଠୀ ବୋଲି ଜଣା ପଡିଛି, ଯିଏ ତାଙ୍କ ନାମ ଏବଂ ପରିଚୟ ବଦଳାଇ ଜୋମାଟୋରେ ଏକ ଡେଲିଭରି ବୟ ଭାବରେ କାର୍ଯ୍ୟ କରୁଥିଲେ।

କ୍ରାଇମ ବ୍ରାଞ୍ଚର ଡେପୁଟି କମିଶନରଙ୍କ ସୂଚନା ଅନୁଯାୟୀ ଅଭିଯୁକ୍ତ ଅଜୟ ଭଜନପୁରାରୁ ଜଣେ ଶିଶୁ ନୀରଜଙ୍କୁ ଅପହରଣ କରିନେଇଥିବା ବେଳେ ମୁକ୍ତି ଟଙ୍କା ଦାବି ପୂରଣ ହୋଇ ନ ଥିବା ବେଳେ ତାଙ୍କୁ ହତ୍ୟା କରିଥିଲା ।ତଦନ୍ତ ସମୟରେ ତାଙ୍କୁ ଗିରଫ କରାଯାଇଥିଲା। ଅନୁସନ୍ଧାନ ଶେଷ ହେବା ପରେ କର୍କାର୍ଡୋମା କୋର୍ଟ ତାଙ୍କୁ ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି।ଜୁଲାଇ ୨୩, ୨୦୨୧ ରେ ତାଙ୍କୁ ୫୬ ଦିନ ପାରୋଲରେ ମୁକ୍ତ କରାଯାଇଥିଲା, କିନ୍ତୁ ସେ ଆତ୍ମସମର୍ପଣ ନକରି ପଳାଇ ଯାଇଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ବାସଭବନ ତଳେ ଶିବଲିଙ୍ଗ ଅଛି : ଅଖିଳେଶ

ଲକ୍ଷ୍ନୌ,୨୯।୧୨: ସମାଜବାଦୀ ପାର୍ଟି ମୁଖ୍ୟ ଅଖିଳେଶ ଯାଦବ ରବିବାର ଦାବି କରିଛନ୍ତି ଯେ ଲକ୍ଷ୍ନୌରେ ଥିବା ଉତ୍ତର ପ୍ରଦେଶ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନ ତଳେ ଗୋଟିଏ ଶିବଲିଙ୍ଗ ରହିଛି।ଲକ୍ଷ୍ନୌରେ ଆୟୋଜିତ ରାଲିରେ ଅଖିଳେଶ କହିଛନ୍ତି, ଲକ୍ଷ୍ନୌରେ ଥିବା ମୁଖ୍ୟମନ୍ତ୍ରୀଙ୍କ ବାସଭବନ ତଳେ ଗୋଟିଏ ଶିବଲିଙ୍ଗ ଅଛି। ଏହାକୁ ମଧ୍ୟ ଖୋଳି ବାହାର କରାଯିବା ଉଚିତ।



ଉତ୍ତର ପ୍ରଦେଶରେ ଏବେ ପ୍ରତ୍ନତତ୍ତ୍ୱ ବିଭାଗର ସର୍ଭେକୁ ନେଇ ରାଜନୀତିକ ବିବାଦ ଚାଲିଥିବା ବେଳେ ଅଖିଳେଶଙ୍କ ବୟାନ ସାମ୍ନାକୁ ଆସିଛି। ଗତ ସପ୍ତାହରେ ବିଭାଗ ପକ୍ଷରୁ ସମ୍ଭଲରେ ଖନନ କରାଯାଇଥିଲା ଏହି ସମୟରେ ୧୮୫୭ ମସିହାର ଗୋଟିଏ ୨୫୦ ଗଭୀର ପାହଚ ଥିବା କୂଅ ଠାବ ହୋଇଥିଲା।

ଲକ୍ଷ୍ମଣ ଗଞ୍ଜ ଅଞ୍ଚଳରେ ଦୁଇଟି ବୁଲଡୋଜର ଦ୍ୱାରା ଖୋଳା ଯିବା ବେଳେ ଏପରି ଷ୍ଟେପଲେ ଠାବ ହୋଇଥିଲା। ସମାନ ଅଞ୍ଚଳରୁ ବାଙ୍କ ବିହାରୀ ମନ୍ଦିରର ଭଗ୍ନସ୍ତୁପ ମାଟି ତଳୁ ମିଳିଥିଲା ଏହା ନିକଟରୁ ହିଁ ଷ୍ଟେପଲେ ଠାବ କରାଯାଇଥିଲା।

ତେବେ ବେକାରୀ ଓ କୃଷି ସହ ଜଡ଼ିତ ପ୍ରସଙ୍ଗରୁ ଲୋକଙ୍କ ଧ୍ୟାନଚ୍ୟୁତ କରିବା ପାଇଁ ବିଜେପି ଏସବୁ ସର୍ଭେ କରୁଛି ବୋଲି ଯାଦବ ଅଭିଯୋଗ କରି ଆସୁଛନ୍ତି।ଗତ ସପ୍ତାହରେ ସେ କହିଥିଲେ, ସବୁ ସ୍ଥାନରେ ଖୋଳାଖୋଳି କଲେ ଆମେ କୌଣସି ସମାଧାନର ରାସ୍ତା ପାଇବା ନାହିଁ। ଆମ ଦେଶରେ ଧର୍ମସ୍ଥଳୀ ଆଇନ ରହିଛି। ଏହି ଆଇନରେ ଖୋଳାଖୋଳିକୁ ବାରଣ କରାଯାଇଛି। ସେମାନେ ୧୦ ବର୍ଷ ହେଲା ଦିଲ୍ଲୀରେ କ୍ଷମତାରେ ରହିଛନ୍ତି। ଏଥିସହ ୭ ବର୍ଷ ହେଲା ଉତ୍ତର ପ୍ରଦେଶରେ ତାଙ୍କ ସରକାର ରହିଛି। ଏହି ସମୟରେ ବେକାରୀ ସମସ୍ୟା ସର୍ବୋଚ୍ଚ ସ୍ତରରେ ପହଞ୍ଚିଛି।

## ୨୦ ବର୍ଷ ପଛକୁ ଦେଖୁ କଂଗ୍ରେସ

### ବିବାଦ ଭିତରେ ପି.ଭି ନରସିଂହ ରାଓଙ୍କ ଭାଇ ଜବାବ

ନୂଆଦିଲ୍ଲୀ,୨୯।୧୨: ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂଙ୍କ ଅନ୍ତିମ ସଂସ୍କାରକୁ ନେଇ ରାଜନୀତି ଚରମ ସୀମାରେ ରହିଛି ଏବଂ ଭାଜପା ଏବଂ କଂଗ୍ରେସ ପରସ୍ପର ଉପରେ ଆକ୍ରମଣ କରୁଛନ୍ତି। ଗୋଟିଏ ପଟେ କଂଗ୍ରେସ ନିଗମ ବୋଧ ଘାଟରେ ବିଶୃଙ୍ଖଳା ଅଭିଯୋଗ କରିଥିବାବେଳେ ଭାଜପା ଏହାର ଉତ୍ତର ଦେଇ ଶସ୍ତା ରାଜନୀତି କରୁଛି ବୋଲି କହିଛି। ଏସବୁ ମଧ୍ୟରେ ପୂର୍ବତନ ପ୍ରଧାନମନ୍ତ୍ରୀ ପି.ଭି ନରସିଂହ ରାଓଙ୍କ ଭାଇଙ୍କ ପ୍ରତିକ୍ରିୟା ଆସିଛି ଯେଉଁଥିରେ ସେ କଂଗ୍ରେସକୁ ଟାର୍ଗେଟ କରିଛନ୍ତି।



ନ୍ୟୁଜ ଏଜେନ୍ସି ଏଏନଆଇକୁ ସୂଚନା ଦେଇ ପୂର୍ବତନ ପ୍ରଧାନମନ୍ତ୍ରୀଙ୍କ ଭାଇ ମନୋହର ରାଓ କହିଛନ୍ତି, କଂଗ୍ରେସ ସେମାନଙ୍କ ନେତା ପି.ଭି ନରସିଂହ ରାଓଙ୍କୁ କେତେ ସମ୍ମାନ ଦେଇଛି ତାହା ଦେଖିବା ପାଇଁ ୨୦ ବର୍ଷ ପଛକୁ ଦେଖିବା ଉଚିତ୍ କୌଣସି ପ୍ରତିମୂର୍ତ୍ତି କଂଗ୍ରେସ ନିର୍ମାଣ କରି ନାହିଁ କିମ୍ବା ତାଙ୍କୁ ଭାରତ ରତ୍ନ ଦେଇନାହିଁ। ଆପଣଆପଣଙ୍କର ଔପଚାରିକତା ପୂରଣ କରନ୍ତୁ। ଡକ୍ଟର ମନମୋହନ ସିଂଙ୍କ ସ୍ମାରକ ପାଇଁ ଭାଜପା ନିଶ୍ଚିତ ଭାବରେ ତାଙ୍କୁ ଜମି ଦେବ। ରାଓଙ୍କ ପାଇଁ ।ଏପରିକି ସୋନିଆ ଗାନ୍ଧୀ ତାଙ୍କ ଅନ୍ତିମ ସଂସ୍କାରରେ ଯୋଗ ଦେଇନଥିଲେ। ତାଙ୍କର ଏଆଇସିସି କାର୍ଯ୍ୟାଳୟର କବାଟ ମଧ୍ୟ ଖୋଲାଯାଇ ନଥିଲା।

କଂଗ୍ରେସର ଅଭିଯୋଗ ଉପରେ ସେ କହିଛନ୍ତି, ମନମୋହନ ସିଂଙ୍କୁ ଠିକ ଭାବେ ଦାହ କରାଯାଇ ନାହିଁ ବୋଲି କଂଗ୍ରେସ ଲୋକ ଭାଜପା ଉପରେ ଅଭିଯୋଗ କରୁଛନ୍ତି। ସେ ପଛକୁ ଚାହିଁ ମନମୋହନ ସିଂ ସରକାର ସମୟରେ ତାଙ୍କ ଗୁରୁ ପିଭି ନରସିଂହ ରାଓଙ୍କୁ କେଉଁ ସମ୍ମାନ ପ୍ରଦାନ କରାଯାଇଥିଲା ତାହା ଦେଖିବା ଉଚିତ୍। ଦିଲ୍ଲୀରେ ତାଙ୍କ ପାଇଁ ୨ଗଜ ଜମିଉପଲବ୍ଧ ନଥିଲା।ଆଜିମନମୋହନ ସିଂଙ୍କ ଦେହାନ୍ତରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଏବଂ ପୁରା କ୍ୟାବିନେଟ ଉପସ୍ଥିତ ଥିଲେ। କିନ୍ତୁ ପିଭି ନରସିଂହ ରାଓଙ୍କ ସମୟରେ କିଏ ଆସିଥିଲେ, ଏପରିକି ସୋନିଆ ଗାନ୍ଧୀ ମଧ୍ୟ ଆସି ନଥିଲେ। ସେ ହାଇଦ୍ରାବାଦ ତ ଆସି ପାରିଥାନ୍ତେ।

## ଆଜି ୧୦ ଘଣ୍ଟିଆ ପଞ୍ଜାବ ବନ୍ଦ

ଚଣ୍ଡିଗଡ଼: ସରକାରଙ୍କ ପକ୍ଷରୁ ଏମଏସପି ସମେତ ୧୩ ଦଫା ଦାବି ପୂରଣ ନ ହେବାରୁ କୃଷକ ସଂଗଠନ ପକ୍ଷରୁ ଆସନ୍ତାକାଲି ୩୦ ଡିସେମ୍ବରରେ ପଞ୍ଜାବ ବନ୍ଦ କରିବାକୁ ଡାକରା ଦିଆଯାଇଛି। ସୋମବାର ଦିନ ପଞ୍ଜାବ ସକାଳ ୭ ଟାରୁ ଅପରାହ୍ନ ୪ ଟା ପର୍ଯ୍ୟନ୍ତ ବନ୍ଦ ପାଳନ କରାଯିବ। ଏହି ଅବଧି ମଧ୍ୟରେ, ଜରୁରୀକାଳୀନ ସେବା ବ୍ୟତୀତ ଅନ୍ୟ ସବୁକିଛି ବନ୍ଦ ରହିବ ରାସ୍ତା, ରେଳ, ଦୋକାନ ଏବଂ ବ୍ୟବସାୟ ପ୍ରତିଷ୍ଠାନ ବନ୍ଦ କରିବାକୁ କୃଷକ ନେତାମାନେ ଆହ୍ୱାନ ଦେଇଛନ୍ତି। କୃଷକ ନେତା ସେରଭ ସିଂ ପନ୍ଧେର ପଞ୍ଜାବ ବନ୍ଦ ଡାକରାକୁ ନିଶ୍ଚିତ କରି କହିଛନ୍ତି ଯେ, ସେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ତଥା ସୁପ୍ରିମକୋର୍ଟର ବିଚାରପତିଙ୍କୁ ଚିଠି ଲେଖିଛନ୍ତି, କିନ୍ତୁ ସେମାନଙ୍କଠାରୁ କେଣସି ପ୍ରତିକ୍ରିୟା ମିଳିନାହିଁ। ତେଣୁ ପଞ୍ଜାବ ବନ୍ଦ ପାଇଁ ନିଷ୍ପତ୍ତି ନିଆଯାଇଛି ୟୁନାଇଟେଡ୍ କିସାନ୍ ମୋର୍ଚ୍ଚା ଦ୍ୱାରା ପଞ୍ଜାବ ବନ୍ଦ ଡାକରା ଦିଆଯାଇଛି। ବନ୍ଦ ସଫଳ ହେବାରେ ସହଯୋଗ କରିବାକୁ ପଞ୍ଜାବର କୃଷକମାନଙ୍କୁ କୃଷକ ନେତା ନିବେଦନ କରିଛନ୍ତି।

## ମନ୍ତ୍ରୀଙ୍କୁ ଦାୟୀ କରି ଆତ୍ମହତ୍ୟା କଣ୍ଟ୍ରାକ୍ଟର

ବେଙ୍ଗାଲୁରୁ,୨୯।୧୨: କର୍ଣ୍ଣାଟକାର ବିଦାର ଜିଲ୍ଲାରେ ଜଣେ ୨୬ ବର୍ଷୀୟ କଣ୍ଟ୍ରାକ୍ଟର ଆତ୍ମହତ୍ୟା କରିବା ପରେ ରାଜନୀତିକ ବିବାଦ ତୀବ୍ର ହୋଇଛି। ରାଜ୍ୟରେ କ୍ଷମତାସୀନ କଂଗ୍ରେସକୁ ବିରୋଧୀ ବିଜେପି ଏହି ଘଟଣା ପାଇଁ ଦାୟୀ କରିଛି। ରାଜ୍ୟର ମନ୍ତ୍ରୀ ପ୍ରିୟଙ୍କ ଖଡଗେଙ୍କ ଜଣେ ଘନିଷ୍ଠ ସହଯୋଗୀଙ୍କୁ ଦାୟୀ କରି ଯୁବ କଣ୍ଟ୍ରାକ୍ଟର ଜଣଙ୍କ ଜୀବନ ହାରିଛନ୍ତି।ତେଣୁ ବିଜେପି ଏବେ ଖଡଗେଙ୍କୁ ଟାର୍ଗେଟ କରି ତାଙ୍କ ଇସ୍ତଫା ଦାବି କରିଛି।



ଗୁରୁବାର ୨୬ ବର୍ଷୀୟ ସଚିନ ପଞ୍ଚଲ ଟ୍ରେନ ଆଗକୁ ଡେଇଁ ଜୀବନ ହାରିଥିଲେ। ଆତ୍ମହତ୍ୟା କରିବା ପୂର୍ବରୁ ସେ ୭ ପୃଷ୍ଠାର ସୁଇସାଇଡ ନୋଟ ଛାଡ଼ିଯାଇଛନ୍ତି।ଏଥିରେ ସେ ଆତ୍ମହତ୍ୟା ପାଇଁ ମନ୍ତ୍ରୀ ପ୍ରିୟଙ୍କ ଖଡଗେଙ୍କ ଘନିଷ୍ଠ ସହଯୋଗୀ ରାଜୁ କାପାନୁରଙ୍କୁ ଦାୟୀ କରିଛନ୍ତି।ରାଜୁ ତାଙ୍କୁ ବଟି ମାଗିବା ସହ ଗୋଟିଏ ଟେଣ୍ଡର ପ୍ରସଙ୍ଗରେ ହତ୍ୟା ଧମକ ଦେଇଥିଲେ ବୋଲି ସଚିନ ଅଭିଯୋଗ କରିଛନ୍ତି ।ଥିସହ ସେ ଆହୁରି କହିଛନ୍ତି ଯେ ରାଜୁ ତାଙ୍କ ଠାରୁ ୧୫ ଲକ୍ଷ ଟଙ୍କା ଠକି ନେଇଥିବା ବେଳେ ଆଉ ୧ କୋଟି ଟଙ୍କା ମାଗୁଛନ୍ତି।ସଚିନଙ୍କ ଏପରି ଅଭିଯୋଗକୁ ନେଇ ବିଜେପି ନେତାମାନେ କଂଗ୍ରେସ ମୁଖିଆ। ମଲ୍ଲିକାର୍ଜୁନ ଖଡଗେଙ୍କ ପୁଅ ତଥା ରାଜ୍ୟର ମନ୍ତ୍ରୀ ପ୍ରିୟଙ୍କ ଖଡଗେଙ୍କୁ ଟାର୍ଗେଟ କରିଛନ୍ତି।। କର୍ଣ୍ଣାଟକା ବିଧାନସଭାର ବିରୋଧୀ ଦଳ ନେତା ଆର ଅଶୋକ କହିଛନ୍ତି ଯେ ଖଡଗେ ପରିବାର ପାଇଁ କଣ ଆମ୍ବେଦକରଙ୍କ ସମ୍ବିଧାନ ଲାଗୁ ହେଉ ନାହିଁ? ପ୍ରିୟଙ୍କ ଖଡଗେ ତାଙ୍କ ପଦରୁ ଇସ୍ତଫା ଦିଅନ୍ତୁ ବିଜେପି ଆଇଟି ସେଲ ମୁଖ୍ୟ ଅମିତ ମାଲବ୍ୟ ମଧ୍ୟ ପ୍ରିୟଙ୍କ ଖଡଗେ ଓ କଂଗ୍ରେସ ସରକାରଙ୍କୁ ତୀବ୍ର ସମାଲୋଚନା କରିଛନ୍ତି ବିଜେପି ମୁଖପାତ୍ର ଶେହଜାଦ ପୁନାୱାଲା ମଧ୍ୟ ଜୁନିୟର ଖଡଗେଙ୍କ ଇସ୍ତଫା ଦାବି କରିଛନ୍ତି।

## ମନମୋହନଙ୍କୁ ନେଇ ରାଜନୀତି ଦୁଃଖଦାୟକ : ଓମର

ଶ୍ରୀନଗର: ଜାମ୍ମୁକଶ୍ମୀରର ମୁଖ୍ୟମନ୍ତ୍ରୀ ଓମାର ଅବଦୁଲ୍ଲା କହିଛନ୍ତି ଯେ ମନମୋହନ ସିଂ ଜୀଙ୍କ ମୃତ୍ୟୁକୁ ନେଇ ରାଜନୀତି କରାଯିବା ଅତ୍ୟନ୍ତ ଦୁଃଖଦାୟକ ।ମନମୋହନ ସିଂ ଜୀ ଜାମ୍ମୁକଶ୍ମୀର ପାଇଁ ବହୁତ କିଛି କରିଥିଲେ। ବୋଧେ କେହି ଏମିତି ପ୍ରଧାନମନ୍ତ୍ରୀ ନଥିବେ ଯିଏ ଜାମ୍ମୁକଶ୍ମୀର ପାଇଁ ଏତେ କିଛି କରିଥିବେ । ମନମୋହନ ସିଂ ଜୀଙ୍କ ଶାସନ ସମୟରେ ଜାମ୍ମୁକଶ୍ମୀରକୁ ବହୁତ କିଛି ମିଳିଥିଲା । ବାନିହାଲରେ ନିର୍ମିତ ଟନେଲକୁ ମନମୋହନ ସିଂ ଜୀଙ୍କ ନାମରେ ନାମିତ କରାଯିବା ଉଚିତ ମନମୋହନ ସିଂ ଜୀ ପରି ନେତାମାନେ କ୍ୱଚିତ ଦେଖିବାକୁ ମିଳେ ।

## ଶିକ୍ଷାର୍ଥୀଙ୍କୁ ପିଟିଲା ଓ ପାଣି ମାଡ଼ କଲା ପୁଲିସ

ପାଟନା,୨୯।୧୨: ବିହାର ପବ୍ଲିକ ସର୍ଭିସ କମିଶନ(ବିପିଏସ୍‌ସି) ଆଶାୟୀଙ୍କ ଉପରେ ପୁଲିସ୍‌ର ବର୍ବରତା ସବୁ ସୀମା ଟପିଛି। ଶିକ୍ଷାର୍ଥୀମାନେ ୭୦ତମ ଯୁଗ୍ମ ପ୍ରବେଶିକା ପରୀକ୍ଷା (ସିସିଇ) ପୁଣି କରିବାକୁ ପାଟନାରେ ନିଜର ଆନ୍ଦୋଳନ ତୀବ୍ର କରିଛନ୍ତି। ଶିକ୍ଷାର୍ଥୀମାନେ ପୁନଃ ପରୀକ୍ଷା ଦାବି କରୁଥିବା ବେଳେ ପୁଲିସ୍ ସେମାନଙ୍କ ଉପରେ। ଲାଠିଚାର୍ଜ କରିଛି ଶୀତୁଆ। ସନ୍ଧ୍ୟାରେ ସେମାନଙ୍କୁ ପାଣି ମାଡ଼ କରାଯାଇଛି।



ଡିସେମ୍ବର ୧୩ରେ ହୋଇଥିବା ପରୀକ୍ଷାରେ ବ୍ୟାପକ ଅନିୟମିତତା ହୋଇଥିବା ଅଭିଯୋଗ କରି ଆଜି ହଜାର ହଜାର ଶିକ୍ଷାର୍ଥୀ ଗାନ୍ଧି ମୈଦାନ ନିକଟରେ ଏକାଠି ହୋଇଥିଲେ। ଏହାପରେ ସେମାନେ ଜେପି ଗୋଲାମ୍ବର ଅଭିମୁଖେ ଶୋଭାଯାତ୍ରାରେ ବାହାରି ଥିଲେ। ଶିକ୍ଷାର୍ଥୀଙ୍କ ଆନ୍ଦୋଳନକୁ ଦେଖି ବ୍ୟାରିକେଡ କରାଯିବା ସହ ବିପୁଳ ସଂଖ୍ୟାରେ ପୁଲିସ ଫୋର୍ସ ମୁତୟନ ହୋଇଥିଲା। ଶିକ୍ଷାର୍ଥୀମାନେ ଆଗକୁ ବଢ଼ିବାରୁ ସେମାନଙ୍କୁ ପୁଲିସ୍ ପ୍ରବଳ ପିଟିବା ସହ ପାଣି ମାଡ଼ କରିଛନ୍ତି। ଜନ ସୂରଜ ପାର୍ଟିର ପ୍ରତିଷ୍ଠାତା ପ୍ରଶାନ୍ତ କିଶୋର ମଧ୍ୟ ଆନ୍ଦୋଳନରେ ସାମିଲ ହୋଇ ଶିକ୍ଷାର୍ଥୀଙ୍କୁ ପୂର୍ଣ୍ଣ ସମର୍ଥନ ଦେଇଥିଲେ। ସେ ମଧ୍ୟ ଶିକ୍ଷାର୍ଥୀଙ୍କ ସହ ମିଶି ଜେପି ଗୋଲାମ୍ବର ଶୋଭାଯାତ୍ରା କରିଥିଲେ। ୫ ଜଣିଆ ଛାତ୍ର ପ୍ରତିନିଧି ଦଳ ମୁଖ୍ୟ ଶାସନ ସଚିବଙ୍କୁ ଭେଟି ସେମାନଙ୍କ ଦାବି ଉପସ୍ଥାପନ କରିବେ ବୋଲି ସେ ଘୋଷଣା କରିଥିଲେ।

ବାପୁ ପରୀକ୍ଷା ପରିସର ପରୀକ୍ଷା କେନ୍ଦ୍ରରୁ ପ୍ରଶ୍ନପତ୍ର ଲିକ ହୋଇଥିବା ଅଭିଯୋଗ କରି ହଜାର ହଜାର ଶିକ୍ଷାର୍ଥୀ ୧୦ ଦିନ ହେଲା ଆନ୍ଦୋଳନ ଜାରି ରଖିଛନ୍ତି। ବିପିଏସ୍‌ସି ଉକ୍ତ ପରୀକ୍ଷା କେନ୍ଦ୍ରରେ ପୁନଃ ପରୀକ୍ଷା କରିଥିବା ବେଳେ ଅନିୟମିତତା ସୀମିତ ଥିବାରୁ ପୂରା ପରୀକ୍ଷାକୁ ବାତିଲ କରାଯିବାର ଆବଶ୍ୟକ ନାହିଁ ବୋଲି କମିଶନ କହିଛନ୍ତି। ତେବେ ପୁନଃ ପରୀକ୍ଷା ଦାବିରେ ଶିକ୍ଷାର୍ଥୀମାନେ ଆଜି ଆନ୍ଦୋଳନ କରୁଥିବା ବେଳେ ପୁଲିସ୍ ସହ ମୁହାଁମୁହିଁ ହୋଇଛନ୍ତି।

## ସମୁଦ୍ରରେ ପୁଣି ଏକ ଦୁର୍ଘଟଣା

ମୁମ୍ବାଇ,୨୯।୧୨(ଏଜେନ୍ସି): ମୁମ୍ବାଇ ନିକଟ ସମୁଦ୍ରରେ ଆଜି ଆଉ ଏକ ବୋଟ ଦୁର୍ଘଟଣା ଘଟିଛି। ଏହି ଦୁର୍ଘଟଣାରେ ମତ୍ସ୍ୟଜୀବୀଙ୍କ ଡଙ୍ଗା ଏକ ମାଲବାହୀ ଜାହାଜ ସହିତ ମୁହାଁମୁହିଁ ଧକ୍କା ହୋଇଥିଲା। ତେବେ ବର୍ତ୍ତମାନ ସୁଦ୍ଧା ଏହି ଦୁର୍ଘଟଣାରେ କୌଣସି କ୍ଷୟକ୍ଷତି ସମ୍ପର୍କରେ ସୂଚନା ମିଳିନାହିଁ। କୁହାଯାଉଛି ଯେ ଶନିବାର ବିଳମ୍ବିତ ରାତିରେ ଚାଇନାର କଲ୍ ସିଙ୍ଗ୍ ବିଟିଏସ୍ ଫ୍ଲାଗ୍ କାର୍ଗୋ ଜାହାଜ ସହିତ ମତ୍ସ୍ୟଜୀବୀଙ୍କ ଏକ ଡଙ୍ଗା ଧକ୍କା ହୋଇଥିଲା ଏହି ଦୁର୍ଘଟଣା ରାତି ପ୍ରାୟ ୧୨ଟା ସମୟରେ ଘଟିଥିଲା ।

ଏକ ମାଲବାହୀ ଜାହାଜ ସହିତ ଧକ୍କା ହେବା ପରେ ମତ୍ସ୍ୟଜୀବୀଙ୍କ ଡଙ୍ଗା ସମୁଦ୍ରରେ ବୁଡ଼ିବାକୁ ଲାଗିଲା ମତ୍ସ୍ୟଜୀବୀଙ୍କୁ ଉଦ୍ଧାର କରିବା ପାଇଁ ଉଦ୍ଧାର କାର୍ଯ୍ୟ ଆରମ୍ଭ ହୋଇଥିଲା ବୁଡ଼ି ଯାଉଥିବା ଡଙ୍ଗାକୁ ବଞ୍ଚାଇବା ପାଇଁ ନିକଟରେ ଥିବା ମତ୍ସ୍ୟଜୀବୀଙ୍କ ଡଙ୍ଗା ପହଞ୍ଚିଥିଲା ଏହି ଘଟଣା ସମ୍ପର୍କରେ ସୂଚନା ପାଇବା ମାତ୍ରେ ନୌସେନା ଏବଂ କୋଷ୍ଟଗାର୍ଡ ଦଳ ମଧ୍ୟ ଘଟଣାସ୍ଥଳରେ ପହଞ୍ଚିଥିଲେ । ଯାହା ପରେ ଉଦ୍ଧାର କାର୍ଯ୍ୟ ଶୀଘ୍ର ଆରମ୍ଭ ହୋଇଥିଲା । ସୂଚନା ଅନୁଯାୟୀ, ଏପର୍ଯ୍ୟନ୍ତ, ଏହି ସମଗ୍ର ଘଟଣାରେ କୌଣସି କ୍ଷୟକ୍ଷତି କିମ୍ବା ଆଘାତ ବିଷୟରେ କୌଣସି ସୂଚନା ନାହିଁ ଏହାପୂର୍ବରୁ ଡିସେମ୍ବର ୧୮ରେ ମୁମ୍ବାଇ ଉପକୂଳ ନିକଟରେ ଏକ ନୌସେନା ବୋଟ ଏକ ଯାତ୍ରୀବାହୀ ବୋଟକୁ ଧକ୍କା ଦେଇଥିଲା ଏହି ଦୁର୍ଘଟଣାରେ ୧୪ ଜଣଙ୍କର ମୃତ୍ୟୁ ଘଟିଥିଲା ନୌସେନା ଜାହାଜ ଇଞ୍ଜିନ ପରୀକ୍ଷଣ ପାଇଁ ଯାଉଥିଲା, କିନ୍ତୁ ଅପରାହ୍ନ ୪ଟାରେ ଏହା ନିୟନ୍ତ୍ରଣ ହରାଇ କରଞ୍ଜା ନିକଟରେ ନୀଳକମଳ ନାମକ ଏକ ଡଙ୍ଗା ସହିତ ମୁହାଁମୁହିଁ ଧକ୍କା ହୋଇଥିଲା ଏହି ଡଙ୍ଗା ଭାରତର ଗେଟରୁ ଲୋକପ୍ରିୟ ପର୍ଯ୍ୟଟନ ସ୍ଥଳୀ 'ଏଲିଫେଣ୍ଟ' ଦ୍ୱୀପକୁ ଯାତ୍ରୀମାନଙ୍କୁ ନେଇ ଯାଉଥିଲା।

## କଂଗ୍ରେସୀ କେବଳ ଫଟୋ ଉଠାଇବାକୁ ଆସନ୍ତି : ହରଦୀପ ସିଂ ପୁରୀ

ନୂଆଦିଲ୍ଲୀ,୨୯।୧୨: ପୂର୍ବତନ ପ୍ରଧାନମନ୍ତ୍ରୀ ମନମୋହନ ସିଂହଙ୍କ ସ୍ମାରକୀ ଓ ଅନ୍ତିମ ସଂସ୍କାରକୁ ନେଇ ରାଜନୈତିକ ବୟାନବାଜି ଜାରି ରହିଛି। ଡ. ସିଂହଙ୍କ ସ୍ମାରକୀ ପାଇଁ ଜମି ଆବଣ୍ଟନ ଏପର୍ଯ୍ୟନ୍ତ କାହିଁକି ହୋଇନାହିଁ ଏବଂ କାହିଁକି ବିଳମ୍ବ ହେଉଛି ବୋଲି କଂଗ୍ରେସ ଲଗାତାର ପ୍ରଶ୍ନ କରୁଛି।ଏହା ସହ ନିଗମ ବୋଧ ଘାଟରେ ପୂର୍ବତନ ପ୍ରଧାନମନ୍ତ୍ରୀ ଡ. ମନମୋହନ ସିଂହଙ୍କ ଅନ୍ତିମ ସଂସ୍କାରକୁ ନେଇ ମଧ୍ୟ କଂଗ୍ରେସ ପ୍ରଶ୍ନ ଉଠାଇଛି।



ତେବେ କେନ୍ଦ୍ରମନ୍ତ୍ରୀ ହରଦୀପ ସିଂହ ପୁରୀ ଏହାର ଜବାବ ଦେଇ କହିଛନ୍ତି ଯେ କଂଗ୍ରେସ କର୍ମୀମାନେ କେବଳ ଫଟୋ ଉଠାଇବାକୁ ଆସନ୍ତି, କିନ୍ତୁ ଡକ୍ଟର ମନମୋହନ ସିଂହଙ୍କ ଅସ୍ଥି ବିସର୍ଜନ ସମୟରେ କେହି ପହଞ୍ଚି ନଥିଲେ। କେନ୍ଦ୍ରମନ୍ତ୍ରୀ କଂଗ୍ରେସର ଅଭିଯୋଗର ଜବାବ ଦେଇ କହିଛନ୍ତି ଯେ କଂଗ୍ରେସ ଭିତ୍ତିହୀନ ଅଭିଯୋଗ କରୁଛି ମନମୋହନ ସିଂହଙ୍କ ଶେଷକୃତ୍ୟ ରାଷ୍ଟ୍ରୀୟ ସମ୍ମାନ ସହ କରାଯାଇଛି। ସ୍ମାରକୀ ନିର୍ମାଣ ପାଇଁ ସରକାର ମଧ୍ୟ ରାଜି ଅଛନ୍ତି, କିନ୍ତୁ ସେଦିନର ପରିସ୍ଥିତି ଏପରି ଥିଲା ଯେ ଅନ୍ତିମ ସଂସ୍କାରକୁ ନେଇ କିଛି ସମସ୍ୟା ଥିଲା ସେ ସମୟରେ ଲଗାଣ ବର୍ଷା ଚାଲିଥିବାରୁ ଖୋଲାରେ ଅନ୍ତିମସଂସ୍କାର ସମ୍ଭବ ନଥିଲା । ଏହି କାରଣରୁ ନିଗମବୋଧ ଘାଟରେ ସଂସ୍କାର କରାଯାଇଥିଲା ।

କେନ୍ଦ୍ରମନ୍ତ୍ରୀ କଂଗ୍ରେସର ଆଭିମୁଖ୍ୟ ଉପରେ ପ୍ରଶ୍ନ ଉଠାଇ କହିଛନ୍ତି ଯେ କଂଗ୍ରେସ ନେତାମାନେ ସେଦିନ କେବଳ ଫଟୋ ଉଠାଇବା ପାଇଁ ପହଞ୍ଚୁଥିଲେ, କିନ୍ତୁ ଆଜି ଯେତେବେଳେ ଡ. ମନମୋହନ ସିଂହଙ୍କ ଅସ୍ଥି ବିସର୍ଜନ ପାଇଁ ଯିବାର ଥିଲା, ସେତେବେଳେ କୌଣସି କଂଗ୍ରେସ ନେତା ସେଠାରେ ପହଞ୍ଚି ନଥିଲେ।

## ସଂପାଦକୀୟ

# ଅଦିନିଆ ବର୍ଷା

ଦୁଇ ମାସ ତଳେ ହୋଇଥିବା ବାତ୍ୟା ଯେପରି ବ୍ୟାପକ କ୍ଷୟକ୍ଷତି ହେବ ବୋଲି ଆଶଙ୍କା ଥିଲା ତାହା ସୌଭାଗ୍ୟକୁ ହେଲା ନାହିଁ। ସ୍ଥଳ ଭାଗରେ ପହଞ୍ଚିବା ବେଳକୁ ଏହା ଦୁର୍ବଳ ହୋଇଯାଇଥିଲା। ଏହାର ପ୍ରଭାବ ସୀମିତ ରହିଥିଲା। କେବଳ ଭଦ୍ରକ ଓ ବାଲେଶ୍ୱର ଜିଲ୍ଲାର କିଛି ବ୍ଲକରେ ଏହାର ପ୍ରଭାବ ପଡ଼ିଥିଲା। ଓଡ଼ିଶାବାସୀ ଆଶ୍ୱସ୍ତ ହୋଇଥିଲେ। କାରଣ ଯେଉଁ ସମୟରେ ଏହି ଝଡ଼ବାତ୍ୟା ଆସିଥିଲା ସେହି ସମୟରେ ପ୍ରବଳ ବର୍ଷା ଓ ପବନ ଯୋଗୁ ଧାନ ଫସଲ ପ୍ରତି ବଡ଼ ବିପଦ ସୃଷ୍ଟି ହୋଇଥାଆନ୍ତା। ସୌଭାଗ୍ୟକୁ ଓଡ଼ିଶା ଏକ ବଡ଼ ବିପତ୍ତିରୁ ବର୍ତ୍ତି ଗଲା। କହିବା ବାହୁଲ୍ୟ ଯେ, ଓଡ଼ିଶା ଏକ ପ୍ରାକୃତିକ ବିପର୍ଯ୍ୟୟ ପ୍ରବଣ ରାଜ୍ୟ ଏବଂ ଅନେକ ଥର ଅକ୍ଟୋବର ଶେଷ ଭାଗରେ ଓଡ଼ିଶା ଉପକୂଳରେ ବାତ୍ୟା ହୋଇଥାଏ ଏବଂ ଏଥିରେ ବ୍ୟାପକ କ୍ଷୟକ୍ଷତି ହୋଇଥାଏ। ୧୯୯୯ ମହାବାତ୍ୟା ଏହାର ଉଦାହରଣ। ତେଣୁ ଅକ୍ଟୋବର ଆସିଲେ ଓଡ଼ିଶାବାସୀଙ୍କ ମନରେ ଛାନିଆ ପଶିଯାଏ। ଅକ୍ଟୋବର ଶେଷ ଭାଗ ଏବଂ ବେଳେ ବେଳେ ନଭେମ୍ବର ପ୍ରଥମ ସପ୍ତାହରେ ଏଭଳି ବିପ୍ଳାତ ସୃଷ୍ଟି ହୋଇଥାଏ। ୧୯୯୧ ନଭେମ୍ବରରେ ଏପରି ଲଗାଣ ବର୍ଷା ଯୋଗୁ ବ୍ୟାପକ କ୍ଷୟକ୍ଷତି ହୋଇଥିଲା। ଏଥର ଅକ୍ଟୋବର ବାତ୍ୟାରୁ ଓଡ଼ିଶା ଅଳ୍ପକେ ବର୍ତ୍ତିଗଲା ସତ, ମାତ୍ର ଡିସେମ୍ବର ମାସରେ ଲଗାତର ଦୁଇଟି ଲଘୁଚାପ ଜନିତ ବର୍ଷ ରାଜ୍ୟ ପାଇଁ ଅଭିଶାପ ପାଲଟିଛି। ଲଗାଣ ବର୍ଷାରେ ଦକ୍ଷିଣ ଏବଂ ଉପକୂଳ ଓଡ଼ିଶାରେ ବ୍ୟାପକ ଫସଲ ହାନି ହୋଇଛି। ଏବେ ଅନେକ ସ୍ଥାନରେ ଧାନ ପାଚିଯାଇଥିଲା। ଅଳ୍ପ କିଛି ସ୍ଥାନରେ ଧାନ କଟାଯାଇ ବିଲରେ ପଡ଼ିଥିବା ବେଳେ ଖଳାକୁ ଖୁବ କମ ଧାନ ଯାଇଥିଲା। କିନ୍ତୁ ଅଧିକାଂଶ ସ୍ଥାନରେ ଧାନ କଟାଯାଇନଥିଲା ଏବଂ ଆଉ ୧୫ ଦିନ ଭିତରେ ଏହା ଶେଷ ହୋଇଯାଇଥାଆନ୍ତା। କିନ୍ତୁ ଲଗାତର ଦୁଇଟି ଲଘୁଚାପ ଜନିତ ବର୍ଷା ଯୋଗୁ ଜମିରେ ଥିବା ଧାନ ପାଣିରେ ବୁଡ଼ି ନଷ୍ଟ ହୋଇଛି କିମ୍ବା ସମ୍ପୂର୍ଣ୍ଣ ଭାବେ ଧୋଇଯାଇଛି। ଏବେ ଟାଣ ଖରା ହେବାର ମଧ୍ୟ ନାହିଁ। ଧାନ ବିଲ ଶୁଖିବାର ନାହିଁ। ଏଥିପାଇଁ ଅତି କମରେ ୧୫ ଦିନ ସମୟ ଲାଗିବ। ସେତେବେଳକୁ ସବୁ କିଛି ନଷ୍ଟ ହୋଇଯାଇଥିବ। ଯାହା ବି ଧାନ ବାହାରିବ ତାହା ଏଫଏକ୍ୟୁ ମାନଦଣ୍ଡରେ ବିକ୍ରି ଯୋଗ୍ୟ ହେବ ନାହିଁ। ଏହା ମଣ୍ଡିରେ ବିକ୍ରି ହୋଇପାରିବନି। ଚାଉଳ ହେଲେ ଏଫସିଆଇ ଗୋଦାମରେ ଏହା ପଡ଼ିରହିବ। ତେଣୁ ଚାଷୀ କ୍ଷତିଗ୍ରସ୍ତ ହେବା ସୁନିଶ୍ଚିତ। ଅନେକ ଚାଷୀ ଏହି ଅଦିନିଆ ବର୍ଷାରେ ସର୍ବସ୍ୱାନ୍ତ ହୋଇଛନ୍ତି। ଅନେକ ଋଣ କରି ଚାଷ କରିଥିଲେ। ସେମାନେ ଏବେ କିପରି ଋଣ ସୁଝିବେ ସେହି ଚିନ୍ତାରେ ଶୋଇ ପାରୁ ନାହାଁନ୍ତି। ଧାନ ଫସଲ ହାନି ଦେଖି ୨ଜଣ ଚାଷୀ ହୃଦଘାତରେ ପ୍ରାଣ ହରାଇଲେଣି। ଗଞ୍ଜାମ ଜିଲ୍ଲାରେ ଜଣେ ଚାଷୀ ଆତ୍ମହତ୍ୟା କରିଛନ୍ତି। ଆଗକୁ ଏଭଳି କେତେ ଅଘଟଣ ହେବ ତାହା କେହି କହିପାରିବେ ନାହିଁ। ଏହାକୁ ରାଜ୍ୟର ଏକ ବିପତ୍ତି ବୋଲି କୁହାଯାଇପାରିବ। ଏଥିଲାଗି ସରକାର ଯେତେ ଆଶ୍ୱସନା, ସହାୟତା ଦେଲେ ମଧ୍ୟ କମ ହେବ। ଚାଷୀ ଆଖିରୁ ଲୁହ ପୋଛିବା ସରକାରଙ୍କ ପାଇଁ ସମ୍ଭବ ନୁହେଁ। ବର୍ଷା ଜନିତ କ୍ଷୟକ୍ଷତିର ଆକଳନ କରାଯାଇ ସହାୟତା ପ୍ରଦାନ କରାଯିବ ବୋଲି ସରକାର କହିଛନ୍ତି। କିନ୍ତୁ କେଉଁ ଆଧାରରେ କାହାକୁ କେତେ ସହାୟତା ମିଳିବ ତାହା ଅସ୍ପଷ୍ଟ। ସରକାରୀ ବାବୁ ଚାଷୀଙ୍କ ସହ ଖେଳିବାର ଅନେକ ନଜିର ରହିଛି। ବର୍ଷା ମାଡ଼ରେ ଧାନ ଫସଲ ଯେପରି କ୍ଷତିଗ୍ରସ୍ତ ହୋଇଛି ସେଥିରେ ନିର୍ଦ୍ଧାରିତ ମାନ ବା ଏଫଏକ୍ୟୁରେ ଏହା ସ୍ୱୀକୃତ ହେବ ନାହିଁ। ସରକାର କହିଛନ୍ତି ଏଫଏକ୍ୟୁରେ କୋହଳ ନିଷ୍ପତ୍ତି ସମ୍ପୃକ୍ତ ଜିଲ୍ଲାପାଳମାନେ ନେବ। ଏହା ଦୁର୍ଭାଗ୍ୟଜନକ। ବାସ୍ତବରେ ସରକାର ନିଜେ ଏହାକୁ ନିର୍ଦ୍ଧାରିତ କରିବା ଉଚିତ। ଏଭଳି ପରିସ୍ଥିତିରେ ଚାଷୀଙ୍କୁ କ୍ଷୟକ୍ଷତି ଭାରଣ କରିବା ଲାଗି ଆର୍ଥିକ ସହାୟତା ଏବଂ ଋଣ ଛାଡ଼ ଜରୁରୀ। ଲଗାଣ ବର୍ଷାରେ ଚାଷୀଙ୍କୁ ମେରୁଦଣ୍ଡ ଭାଙ୍ଗି ଯାଇଛି। ସେମାନଙ୍କ ପରିଶ୍ରମ ବ୍ୟର୍ଥ ହୋଇଯାଇଛି। ବର୍ଷର ଆହାର ପାଣିରେ ଭାସିଯାଇଛି। ତେଣୁ ଏବେ ସମୟ ଆସିଛଇ ସରକାର ଚାଷୀଙ୍କ ନିକଟରେ ଠିଆ ହେବା ଏବଂ ସେମାନଙ୍କୁ ଆଶ୍ୱାସନା ଦେବା କଥା। ଏଥର ରାଜ୍ୟରେ ଧାନ ଉତ୍ପାଦନ ସର୍ବକାଳୀନ ରେକର୍ଡ କରିବ ବୋଲି ଆଶଶ କରାଯାଉଥିଲା। ତାହା ନୈରାଶ୍ୟରେ ପରିଣତ ହୋଇଛି। କେବଳ ଧାନ ଫସଲ ନୁହେଁ, ପନି ପରିବା ଚାଷ ମଧ୍ୟ କ୍ଷତିଗ୍ରସ୍ତ ହୋଇଛି। ପୁଣି ୨ ମାସ ଲାଗିବ ଏହାକୁ ଠିଆ କରାଇବା ନିମନ୍ତେ। ଏଭଳି ପରିସ୍ଥିତିରେ ସରକାରଙ୍କ କର୍ତ୍ତବ୍ୟ ହେଲା ଚାଷୀଙ୍କୁ ଅଣ୍ଟା ସଳଖିବା ନିମନ୍ତେ, ପୁନର୍ବାର ଚାଷ ଆରମ୍ଭ କରିବାକୁ ସହାୟତା, ସହଯୋଗ ଏବଂ ଆଶ୍ୱାସନା ଦେବା ଉଚିତ। ଯେଉଁ ଚାଷୀମାନେ ବୀମା କରିଛନ୍ତି, ସେମାନଙ୍କୁ ତୁରନ୍ତ ବୀମା ରାଶି ମିଳିବା ଉଚିତ। ବୀମା କମ୍ପାନୀ ଗୁଡ଼ିକ ଏଥିରେ ଯେପରି ଟାଳଟୁଳ ନୀତି ଅବଲମ୍ବନ ନକରନ୍ତି ସେଥିପ୍ରତି ସରକାର କଠୋର ଦୃଷ୍ଟି ଦେବା ଆବଶ୍ୟକ। ବିଭିନ୍ନ କଲ୍ୟାଣକାରୀ ଯୋଜନାରେ ଚାଷୀଙ୍କୁ ସାମିଲ କରି ତୁରନ୍ତ ସହାୟତା ପ୍ରଦାନ କରାଯିବା ଉଚିତ। ସୁଭଦ୍ରା ଯୋଜନା ହେଉ ଅଥବା ପ୍ରଧାନମନ୍ତ୍ରୀ କୃଷକ କଲ୍ୟାଣ ଯୋଜନା ହେଉ ସେମାନଙ୍କୁ ଅଗ୍ରାଧିକାର ଭିତ୍ତିରେ ସୁବିଧା ପ୍ରଦାନ କରାଯିବା ଉଚିତ। ଜଣେ ହେଲେ ଚାଷୀ ଯେପରି ସରକାରୀ ସହାୟତାରୁ ବଂଚିତ ନହୁଅନ୍ତି ସେଥିପ୍ରତି ଦୃଷ୍ଟି ଦିଆଯିବା ଉଚିତ। ଏହା ବ୍ୟତିତ ବିଭିନ୍ନ ବ୍ଲକରେ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାକୁ ତ୍ୱରାନ୍ୱିତ କରାଯିବା ଉଚିତ ଏବଂ କୃଷି ଶ୍ରମିକମାନଙ୍କୁ ଆଗାମୀ ୬ ମାସ ପର୍ଯ୍ୟନ୍ତ ପର୍ଯ୍ୟାପ୍ତ କାମ ଯୋଗାଇ ଦିଆଯିବା ଉଚିତ। ଜଣେ ହେଲେ କ୍ଷତିଗ୍ରସ୍ତ ଚାଷୀ ଯେପରି ଦୁଃଖରେ ମ୍ରିୟମାଣ ହୋଇ ଆତ୍ମହତ୍ୟା ନକରନ୍ତି ତାହାକୁ ସୁନିଶ୍ଚିତ କରିବା ସରକାରଙ୍କ ଦାୟିତ୍ୱ। ଏକ ଜନକଲ୍ୟାଣକାରୀ ରାଷ୍ଟ୍ରରେ ସରକାରଙ୍କଠାରୁ ଏହା ହିଁ ଆଶା କରଯାଏ। ଉଭୟ କେନ୍ଦ୍ର ଏବଂ ରାଜ୍ୟରେ ଏବେ ଗୋଟିଏ ଦଳର ସରକାର ଚାଲିଛି। ତେଣୁ ଚାଷୀଙ୍କ ପାଇଁ କେବଳ ରାଜ୍ୟ ସରକାର ନୁହଁନ୍ତି, କେନ୍ଦ୍ର ସରକାର ମଧ୍ୟ ପର୍ଯ୍ୟାପ୍ତ ସହଯୋଗ କରିବା ଉଚିତ।

# ବାର୍ଦ୍ଧକ୍ୟର ଗତିରୋଧ

## ଡାକ୍ତର ପ୍ରଫୁଲ୍ଲ କୁମାର ଦାସ

ଲୋଳିତ ଚର୍ମ, ହ୍ରାସ ପାଉଥିବା ସ୍ମୃତି ଶକ୍ତି, କର୍କଟ ଓ ହୃଦରୋଗର ଭୟ ସହ ବାର୍ଦ୍ଧକ୍ୟର ସ୍ପର୍ଶ ଆମ ସମସ୍ତଙ୍କ ଜୀବନରେ ଅବସମ୍ଭାବୀ। ଯେଉଁଥିରୁ ବର୍ତ୍ତିବା ଅସମ୍ଭବ ନିଶ୍ଚୟ। ତଥାପି ହଜାର ହଜାର ବର୍ଷ ଧରି ମାନବ ଚେଷ୍ଟା କରି ଆସୁଛି ଏହି ବାର୍ଦ୍ଧକ୍ୟକୁ ଦୂରେଇ ରଖିବା ପାଇଁ। ଆମ ଦୈନନ୍ଦିନ ଜୀବନର ଆହାରର ମାତ୍ରାଧିକ ପ୍ରଭାବ ବାର୍ଦ୍ଧକ୍ୟର ଆଗମନ ଉପରେ ପ୍ରଭାବ ରଖିଛି ବୋଲି ଗବେଷଣାରୁ ଜଣାପଡ଼ିଛି। ଜଣେ ବୟସ୍କ ବ୍ୟକ୍ତି ନିଜ ଦୈନନ୍ଦିନ ଆହାରରେ ବାର୍ଦ୍ଧକ୍ୟର ପ୍ରଭାବକୁ କିଛିଟା ପ୍ରତିହତ କରିପାରିବ ବୋଲି ଗବେଷକମାନେ ମତ ଦେବା ଆରମ୍ଭ କଲେଣି। ଆମ ଖାଦ୍ୟରେ ଥିବା ପୁଷ୍ଟିସାର ବା ପ୍ରୋଟିନ ଆମ ମଧ୍ୟରେ ବୃଦ୍ଧାବସ୍ଥାର ସଙ୍କେତ ଗୁଡ଼ିକୁ ଆଣିବାରେ ସହାୟକ ହୋଇଥାଏ ବୋଲି କିଛି ଦିନ ତଳେ କୋଲକାତା ବିଶ୍ୱବିଦ୍ୟାଳୟର ଜନୈକ ବାୟୋକେମେଷ୍ଟ୍ରି ବିଭାଗର ପ୍ରଫେସର ମ୍ରିଣାଳକାନ୍ତି ପୋଦ୍ଦାର ନିଜ ଗବେଷଣାରୁ ଜାଣିପାରିଛନ୍ତି। ଏହି ଖବର ନିକଟରେ ଇଣ୍ଟରନେଟରେ ସବିଶେଷ ସୂଚୀତ ହୋଇଛି। ପୋଦ୍ଦାର ହେଉଛନ୍ତି ପ୍ରଥମ ବୈଜ୍ଞାନିକ ଯିଏ ହେଉଛନ୍ତି ଆମ ଖାଦ୍ୟରେ ଥିବା ପ୍ରୋଟିନ, ଆମ ହରମୋନ, ସ୍ନାୟୁତନ୍ତୁ ତଥା ରୋଗପ୍ରତିରୋଧକ ଶକ୍ତି ମଧ୍ୟରେ ଥିବା ନିବିଡ଼ ଗୂଢ଼ ସମ୍ପର୍କକୁ ସୂଚାଇ ପାରିଛନ୍ତି ବୈଜ୍ଞାନିକ ଭିତ୍ତିରେ। ତାଙ୍କ ଗବେଷଣାରଲବ୍ଧ ତଥ୍ୟ ସୂଚୀତ କରୁଛି କି ଯେ ଖାଦ୍ୟରେ ଅତ୍ୟଧିକ ପ୍ରୋଟିନର ଅବସ୍ଥିତି ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକର ଦ୍ରୁତ ଆଗମନରେ ସହାୟକ ହୁଏ। ଜୀବିତ ପ୍ରାଣୀମାନଙ୍କ ଦେହ ଉପରେ ପ୍ରୋଟିନର ପ୍ରଭାବ ବିଚିତ୍ର। ପରୀକ୍ଷାରୁ ଜଣାପଡ଼ିଛି ଖାଦ୍ୟରେ ଅଧିକ ପରିମାଣର ପ୍ରୋଟିନ ତରୁଣ ମୂଷା ମାନଙ୍କ ରୋଗପ୍ରତିରୋଧକ ଶକ୍ତିକୁ ବଢ଼ାଇଥାଏ କିନ୍ତୁ ବୟସ୍କ ମୂଷା ମାନଙ୍କ କ୍ଷେତ୍ରରେ ଆହାରରେ ଅଧିକ ପରିମାଣର ପ୍ରୋଟିନ ରୋଗପ୍ରତିରୋଧକ ଶକ୍ତିକୁ ହ୍ରାସ କରାଏ। କିଛି ମୂଷାଙ୍କୁ ଅଲଗା ଅଲଗା ଭାବରେ ମାତ୍ରାଧିକ ପ୍ରୋଟିନ, ସନ୍ତୁଳିତ ପ୍ରୋଟିନ ଓ ଅଳ୍ପ ପ୍ରୋଟିନ ସମ୍ବଳିତ ଖାଦ୍ୟ ଦେଇ କିଛି ଦିନ ରଖାଯାଇଥିଲା। ତାହାପରେ ସେ ମୂଷା ମାନଙ୍କ ଦେହରେ ଥିବା କର୍ଟିକଷ୍ଟେରୋନ ନାମକ ଆଡ୍ରେନାଲ ହରମୋନର ମାତ୍ରାକୁ ଅନୁଧ୍ୟାନ କରାଯାଇଥିଲା। ଏଠାରେ ଉଲ୍ଲେଖଯୋଗ୍ୟ ଯେ ସ୍ତନ୍ୟପାୟୀ ପ୍ରାଣୀ ମାନଙ୍କ କ୍ଷେତ୍ରରେ ରୋଗ ପ୍ରତିରୋଧକ ଶକ୍ତି ବୃଦ୍ଧି ପାଇବା ସହ ଦେହରେ କର୍ଟିକଷ୍ଟେରୋନର ମାତ୍ରା ହ୍ରାସ ପାଏ ଓ ରୋଗ ପ୍ରତିରୋଧକ ଶକ୍ତି କମ ଥିବା ଅବସ୍ଥାରେ ଦେହରେ ଏହି ହରମୋନର ମାତ୍ରା ବୃଦ୍ଧି ପାଏ। ଅନୁଧ୍ୟାନରୁ ଜଣାପଡ଼ିଲା ଯେ ଅଧିକ ପ୍ରୋଟିନ ଖାଉଥିବା ବୟସ୍କ ମୂଷାମାନଙ୍କ ଦେହରେ କର୍ଟିକଷ୍ଟେରୋନର ମାତ୍ରା ଥିଲା ସର୍ବାଧିକ।

ପୋଦ୍ଦାର କହିଛନ୍ତି ଦେହର କର୍ଟିକଷ୍ଟୋରୋନ ମାତ୍ରା ମସ୍ତିଷ୍କରେ ହେଉଥିବା ପରିବର୍ତ୍ତନକୁ ମଧ ଦର୍ଶାଏ। କର୍ଟିକଷ୍ଟେରୋନର କ୍ଷରଣକୁ ମସ୍ତିଷ୍କର ହାଇପୋଥାଲାମସ ନିୟନ୍ତ୍ରଣ କରେ। ମାନସିକ ଚାପ ଓ ପରିଶ୍ରମ ବୃଦ୍ଧି ପାଇଲେ ହାଇପୋଥାଲାମସ ମସ୍ତିଷ୍କରେ ଅବସ୍ଥିତ ପିଟ୍ୟୁଟାରି ଗ୍ଲାଣ୍ଡକୁ ଏକ ବିଶେଷ ପ୍ରକାରର ହରମୋନ କ୍ଷରଣ କରିବାକୁ ନିର୍ଦ୍ଦେଶ ଦିଏ ଯାହା ଆମର ଆଡ୍ରେନାଲ ଗ୍ରନ୍ଥିକୁ ପ୍ରଭାବିତ କରେ। ଏହାପରେ ଆଡ୍ରେନାଲ ଗ୍ରନ୍ଥି କର୍ଟିକଷ୍ଟେରୋନ କ୍ଷରଣ କରିବା ଆରମ୍ଭ



କରିଦିଏ। ତେଣୁ ଏହା ନିଶ୍ଚିତ ଯେ ବୟସ୍କ ଲୋକମାନେ ମାତ୍ରାଧିକ ପ୍ରୋଟିନ ଖାଇବା ଦ୍ୱାରା ନିଜର ରୋଗ ପ୍ରତିରୋଧକ ଶକ୍ତି କମାଇ ଚାଲନ୍ତି। ପ୍ରଫେସର ପୋଦ୍ଦାର ମସ୍ତିଷ୍କରେ ଥିବା ଅନ୍ୟ ଦୁଇଟି ରସାୟନ ଯଥା ଗାବା ଓ ଗ୍ଲୁଟମେଟରେ ହେଉଥିବା ପରିବର୍ତ୍ତନକୁ ମଧ ଅନୁଧ୍ୟାନ କରିଥିଲେ। ଏହି ଦୁଇ ରସାୟନର ପରିମାଣ ବୟସ ସହ ପରିବର୍ତ୍ତିତ ହୁଏ ଓ ଏହି ଉପାଦାନ ଗୁଡ଼ିକ ମସ୍ତିଷ୍କ ମଧ୍ୟରେ ସଂଚାର ବ୍ୟବସ୍ଥାରେ ସହାୟତା କରନ୍ତି। ସନ୍ତୁଳିତ ଆହାର ଗ୍ରହଣ କରୁଥିବା ବୟସ୍କ ମାନଙ୍କ କ୍ଷେତ୍ରରେ ମସ୍ତିଷ୍କରେ ଗୋବାର ପରିମାଣ ବୃଦ୍ଧି ପାଏ ଓ ଏହା ସହ ରୋଗ ପ୍ରତିରୋଧକ ଶକ୍ତି ମଧ ବୃଦ୍ଧି ପାଏ। ସେହିଭଳି କାମ ପ୍ରୋଟିନ ଥିବା ଖାଦ୍ୟ ବୟସ୍କ ଜୀବଜନ୍ତୁମାନଙ୍କ ମସ୍ତିଷ୍କରେ ଗ୍ଲୁଟାମେଟର କାର୍ଯ୍ୟକ୍ଷମତା ହ୍ରାସକରେ ଏବଂ ବାର୍ଦ୍ଧକ୍ୟର ସଂକେତ ଗୁଡ଼ିକୁ ଦୂରେଇବାରେ ସହାୟକ ହୁଏ। ଏଥିରୁ ଏହା ସ୍ପଷ୍ଟ ଯେ ରୋଗ ପ୍ରତିରୋଧକ ଶକ୍ତି, ସ୍ନାୟୁତନ୍ତୁ ଓ ଖାଦ୍ୟରେ ପ୍ରୋଟିନର ମାତ୍ରା ଅଙ୍ଗାଙ୍ଗୀ ଭାବେ ଜଡ଼ିତ କୁହନ୍ତି ପ୍ରଫେସର ପୋଦ୍ଦାର। ବର୍ତ୍ତମାନ ଯାଏ ସେ ଜୀବଜନ୍ତୁ ମାନଙ୍କ ଉପରେ ନିଜ ପରୀକ୍ଷା ଗୁଡ଼ିକୁ କରିଥିଲେ ମଧ ମାନବ ମାନଙ୍କ କ୍ଷେତ୍ରରେ ମଧ ଠିକ ଏକା ପ୍ରକ୍ରିୟା ଦେଖାଯିବ ବୋଲି ଦୃଢ଼ ନିଶ୍ଚିତ। ଭବିଷ୍ୟତରେ ମଣିଷଙ୍କୁ ନେଇ ସେ ଏହି ଅନୁଧ୍ୟାନ ମଧ କରିବା ପାଇଁ ଯାଉଛନ୍ତି। କିନ୍ତୁ ବର୍ତ୍ତମାନ ବି ପ୍ରଫେସର ପୋଦ୍ଦାର କୁହନ୍ତି, ବୟସ୍କ ଲୋକମାନେ ନିଜ ଖାଦ୍ୟରେ ପ୍ରୋଟିନର ମାତ୍ରାକୁ କମାଇ ବାର୍ଦ୍ଧକ୍ୟର ଆଗମନକୁ କିଛିଟା ଧିମେଇ ଦେଇ ପାରିବେ।

ପୁରାକାଳରେ ହୁଏତ ସେଇଥିପାଇଁ ବାନପ୍ରସ୍ଥ ଗ୍ରହଣ କରୁଥିବା ବୟସ୍କ ଲୋକମାନେ ଶାକାହାରୀ କିମ୍ବା ଫଳାହାରୀ ହେଉଥିଲେ। ପୋଦ୍ଦାରଙ୍କ ମତରେ ଆମିଷରେ ଥିବା ପ୍ରୋଟିନ ବାର୍ଦ୍ଧକ୍ୟର ସଙ୍କେତ ଗୁଡ଼ିକୁ ଉଜାଗର କରିବାରେ ଅଧିକ ସହାୟକ ହୁଏ ଏବଂ ଏହା ହୁଏତ ବୟସ୍କ ମାନଙ୍କ ରୋଗ ପ୍ରତିରୋଧକ ଶକ୍ତି ହ୍ରାସ କରାଏ। ଆମେ ଆମିଷ ଓ ନିରାମିଷ ଦୁଇଟି ଯାକ ଖାଦ୍ୟ ସ୍ରୋତରୁ ପ୍ରୋଟିନ ପାଉ। ମାଛ, ମାଂସ, ଅଣ୍ଡା, କ୍ଷୀର, ଡାଲି, ସୋୟବିନ ଇତ୍ୟାଦିରୁ ପ୍ରୋଟିନ ମିଳେ। ବିଜ୍ଞାନୀମାନଙ୍କ ମତରେ ବୟସ୍କ ମାନଙ୍କ ପାଇଁ ମାଂସ ଓ ଅଣ୍ଡା ସବୁଠାରୁ ଅଧିକ କ୍ଷତିକାରକ। ତେଣୁ ଆମିଷ ପ୍ରତି ଆକୃଷ୍ଟ ହେଉଥିବା ବୟସ୍କମାନେ ମାଂସ ଓ ଅଣ୍ଡା ସ୍ଥାନରେ ମାଛ ଖାଇବା ଉଚିତ। ମାଛରେ ଓମେଗା-ଥ୍ରୀ ଫ୍ୟାଟି ଏସିଡ଼ ଥିବା ହେତୁ ଏହା ହୃଦ୍‌ରୋଗର କାରଣ ଗୁଡ଼ିକୁ ପ୍ରତିହତ କରିବାରେ ସହାୟକ ହୁଏ ଓରୋଗ ପ୍ରତିରୋଧକ ଶକ୍ତିକୁ କିଛି ପରିମାଣରେ ବୃଦ୍ଧି କରିବାରେ ସହାୟକ ହୁଏ। କିନ୍ତୁ କମ ପ୍ରୋଟିନ ଥିବା ଅଧିକା ଶାକସବ୍‌ଜି ଯୁକ୍ତ ଆହାର ବୟସ୍କ ମାନଙ୍କ ପାଇଁ ସବୁଠାରୁ ଅନୁକୂଳ। ଆମେରିକାର ଇନଷ୍ଟିଚ୍ୟୁଟ ଅଫ ଏଜିଂ ଏଣ୍ଡ ଲଙ୍ଗଜିଭିଟିର ଗବେଷଣା ଅନୁଯାୟୀ ବାର୍ଦ୍ଧକ୍ୟ ଉପନୀତ ହେଲେ ଖାଦ୍ୟ ପ୍ରତି ସଜାଗ ନ ହେଲେ ମାନସିକ ଶକ୍ତି ହ୍ରାସ ପାଏ। ଏହି ସଂସ୍ଥାନ ବୟସ୍କ ଲୋକମାନଙ୍କୁ ନିଜ ଖାଦ୍ୟରେ ଆମିଷର ମାତ୍ରା କମାଇ ଅଧିକ ଫଳ ଓ ପରିବା ଖାଇବା ପାଇଁ ଉପଦେଶ ଦିଏ। ପ୍ରଫେସର ପୋଦ୍ଦାର ମଧ କୁହନ୍ତି ସେ ବର୍ତ୍ତମାନ ଯାଏ ମଣିଷଙ୍କୁ ନେଇ ପରୀକ୍ଷା କରିନଥିଲେ ମଧ ସ୍ୱାସ୍ଥ୍ୟ ଦୁର୍ବଳତା ଅନୁଭବ କରୁଥିବା ବୟସ୍କ ଲୋକମାନଙ୍କୁ ଖାଦ୍ୟରେ ପ୍ରୋଟିନର ମାତ୍ରା କମାଇବା ପାଇଁ ଉପଦେଶ ଦିଅନ୍ତି। ପୋର୍ଦ୍ଦାରଙ୍କ ଗବେଷଣା ସମ୍ପୂର୍ଣ୍ଣ ହେଲା ପରେ ହୁଏତ ସାରା ବିଶ୍ୱର ପଥ୍ୟ ବିଜ୍ଞାନୀମାନେ ବୟସ୍କ ମାନଙ୍କୁ ପ୍ରୋଟିନ ଗ୍ରହଣ କରିବା ସଂକ୍ରାନ୍ତରେ ଉପଦେଶ ଦେବେ।

କନସଲଟାଣ୍ଟ ରେଡ଼ିଓଲୋଜିଷ୍ଟ, ଏମ୍‌ଆରଆଇ କେନ୍ଦ୍ର,
ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ,
E-mail : drprafulldas007@gmail.com

# ସବ୍ୟ-ଅପସବ୍ୟ

## ଉତ୍କଳାନନ୍ଦ ଅଜୟ କୁମାର ବେହେରା

ଉପନୟନ ଠାରୁ କାନ୍ଧରେ ବ୍ରହ୍ମସୂତ୍ର ପଇତା ଧାରଣ ବେଳୁ ତାଙ୍କର ମନ୍ତ୍ରଦାତା ପଇତାକୁ କେମିତି ପିନ୍ଧିଲେ ତାର ମହାତ୍ମ୍ୟ ହାନି ହେବନାହିଁ। ତାର ବୀର୍ଯ୍ୟଗୁଣ ଅତୁଟ ରହିବ ଏହା ବୁଝାଇ କହିଥାନ୍ତି। ସୁନା ଚେନ ବେକରେ ପକାଗଲେ ଏମିତି ଅନୁଷ୍ଠାନ କେବେ କରାଯାଏନାହିଁ। ସୂତାର ପଇତା ପକାଯିବା ବେଳେ କେତେ ପ୍ରକାର ବେଦମନ୍ତ୍ର ଜପ ବାଦ୍ୟ ଶଙ୍ଖ ଆଦି ବାଜିବା ହୋଇଥାଏ। ଏ ସୂତା ଖିଅର ମୂଲ୍ୟ ତତ୍କାଳ ଠାରୁ କାନ୍ଧରେ ବ୍ରାହ୍ମଣ ପିଲାର ମୂଲ୍ୟାୟନ ପାଇଁ ଉଦ୍ଦିଷ୍ଟ। ପଇତାକୁ ସବ୍ୟ ଓ ଅପସବ୍ୟ ଡାହାଣ କାନ୍ଧ ବାମ କାନ୍ଧରେ କେତେବବେଳେ ପକାଇବାକୁ ପଡ଼େ ଏହାକୁ ଉପନୟନ କାଳରେ ଆଚାର୍ଯ୍ୟ ଋତ୍ୱିକ ବଟୁକଙ୍କୁ ବତେଇ ଦେଇଥାନ୍ତି। ପ୍ରତ୍ୟେକ ଲୋକଙ୍କର ଉପାସନାରେ ଦ୍ୱିଧାର ରହିଛି। ଦେବ ଉପସନା ଓ ପିତୃ ଉପସନା ପିତୃ ଉପସନାରେ ଶ୍ରାଦ୍ଧ ତର୍ପଣାଦି ଜଡ଼ିତ ଏଥିରେ ପଇତା ଅପସବ୍ୟ କରିବାକୁ ପଡ଼େ। ଏମିତି ଅନେକ କ୍ଷେତ୍ର ଅଛି ସବ୍ୟ ଅପସବ୍ୟ ତତ୍ କ୍ଷେତ୍ରରେ କରାଯାଏ।

ଏଇ ପଇତା ପାଇଁ ଦିନେ କେତେକ ନୀରିହଙ୍କ ପ୍ରାଣ ଯାଇଛି। ଭାରତରେ ଯବନ ଶାସନ ଚାଲିବା ବେଳେ ଯେଉଁଠି ଏହି ବ୍ରାହ୍ମଣ ଶାସନ ସେଠାରେ ଯବନମାନେ ରକ୍ତମୁଖା ଖଣ୍ଡା ହସ୍ତରେ ଆସି ଧର୍ମାନ୍ତରୀଣ କରିଥିଲେ। ଏଇ ବ୍ରାହ୍ମର ଚିହ୍ନ ପଇତା ସବୁକୁ ଜୁଲମ କରି ବେକରୁ କାଢ଼ି ଗଦାକରି ନିଆଁରେ ପୋଡି ଦେଇଛନ୍ତି। ଆର୍ଯ୍ୟବର୍ତ୍ତର ବ୍ରାହ୍ମଣ ବହୁଳ ପ୍ରୟାଗ ଓ ବାରଣାସୀରେ ମହଣ ମହଣ ପଇତା ବ୍ରାହ୍ମଣଙ୍କୁ ଦଣ୍ଡ ଦେଇ ପୋଡ଼ାଯାଇଥିଲା। ବନାରସ ବା ବରଣାସୀରେ ଯେଉଁଠି ବ୍ରାହ୍ମଣ ବେଶୀ ଥିଲେ ସେଠାରେ ଗୋପାଳକ ମାନେ ବି ବେଶୀ ଥିଲେ। ଯବନମାନେ ଗୋ ମାଂସ ପ୍ରିୟ ଯୋଗୁ ଗୋରୁ ଲୁଣ୍ଠନ ଏମାନେ ଦଳବନ୍ଧୀ ହୋଇ ଆକସ୍ମିକ ଆସି କରୁଥିଲେ। ଫଳରେ ରୋଜୀରୁଟିର ସଞ୍ଚୟ ଯୋଗୁଁ ଗୋପାଳନ ମାନେ ପ୍ରତିରୋଧ ପ୍ରତିବାଦ କରିଛନ୍ତି। ଦେଖନ୍ତୁ ବୃନ୍ଦାବନ ମଥୁରା ଏହାର ପାଖାପାଖି ରହିଛି ଆଗ୍ରା, ଯେଉଁଠି ଥିଲା ବାବରଙ୍କ ଠାରୁ ଜାହାଙ୍ଗୀରଙ୍କ ପର୍ଯ୍ୟନ୍ତ ମୋଗଲ ମାନଙ୍କ ରାଜଧାନୀ। ଖାଦ୍ୟ ଜଳ ଦୁଇଟି ସ୍ଥାନରେ ଅଭାବ ନଥିଲା। ପୂର୍ଣ୍ଣରୂପେ ଏ ଅଞ୍ଚଳରେ ଗହମ ଧାନାଦି ଶସ୍ୟ କ୍ଷେତ୍ରକୁ ଯମୁନା ନଦୀର ଜଳ ଭୀମ ଚାଷ କ୍ଷେତ୍ର ଭଲ ଶସ୍ୟ ଆମଦାନୀର ସ୍ଥାନ। ଯହିଁରୁ ରାଜଭାଗ ସହଜରେ ହାସଲ କରି ହେଉଥିଲା। ଏହି ଅଞ୍ଚଳରେ ବହୁବର୍ଷ ଧରି ବାସ କରି ଆସୁଥିବା ଲୋକଙ୍କ ଠାରୁ ଜୁଲମ କରି ସୁନା ରୂପା ନାରୀ ଲୁଣ୍ଠନ କରିବା ସହିତ ଚାଷଜମିରୁ ରାଜକର ଆଦାୟ ସହଜରେ କରି ହେଉଥିଲା। ଅସ୍ତ୍ରବଳରେ ଅଳ୍ପ ଲୋକ ବହୁ ଲୋକଙ୍କୁ ଡରାଇ ମରାଇ ଏ ସ୍ଥାନରେ ରାଜ କରୁଥିଲେ। ଏ ସ୍ଥାନରେ ବ୍ରାହ୍ମଣ ଗୋପାଳଙ୍କ ସହିତ ଯବନ ବାହିନୀଙ୍କର ବହୁଥର ହତିଆର ମୁକାବିଲା ହୋଇଥିଲା। ମାଂସ ପାଇଁ ଭୋଜ୍ୟ ତେଲ ଆବଶ୍ୟକ, ଏପାଇଁ ତେଲି ଜାତିଙ୍କ ଉପରେ ବି ତତ୍କାଳ ଅତ୍ୟାଚାର ହୋଇଥିଲା। ଆକବର ବାଦଶା ବେଳେ ଉତ୍କଟ ହୋଇଥିଲା। ଏ ପାଇଁ ଭାମାସାହାଙ୍କ ପରି ମହାଜନ ରାଣାପ୍ରତାପଙ୍କ ପରି ରାଜପୁତ ବୀରଙ୍କୁ ସେନା ଗଢ଼ି ଯୁଦ୍ଧ ପାଇଁ ଜାଗ୍ରତ କରିଥିଲେ।

ଆର୍ଯ୍ୟବର୍ତ୍ତର ସୁନ୍ଦରୀ ଝିଅ ମାନଙ୍କୁ ଜୁଲମ କରି ପିତା ଭାଇ ସ୍ୱାମୀଙ୍କୁ ହତ୍ୟାକରି ଭୋଗ୍ୟ ପତ୍ନୀ ଉପପତ୍ନୀ ରୂପେ ବ୍ୟବହାର କରି ସନ୍ତାନ ସମ୍ଭବା କରି ବଂଶ ବିସ୍ତାର କରିଥିଲେ। ହିନ୍ଦୁ ଏକତାର ଉତ୍ସ ହେଉଛି ଦେବୀପୀଠ ଅନେକ ମନ୍ଦିର ଭାଙ୍ଗି ନଷ୍ଟ କରାଯାଇଛି ବଡ଼ ବଡ଼ ମନ୍ଦିରକୁ ଭାଙ୍ଗି ମସଜିଦ କରାଯାଇଛି। ଏ ପାଇଁ ଲୋକେ ଉପାୟ ଖୋଜି ଜଳତୀର୍ଥକୁ ପରବର୍ତ୍ତୀ କାଳରେ ଧର୍ମୀୟ କାର୍ଯ୍ୟ ପାଇଁ ଲଗାଇଛନ୍ତି। ପ୍ରୟାଗର ସଙ୍ଗମ, ରଜୁ ଫଲଗୁ ବରୁଣା , ଅସୀ ଯମୁନା ଗଙ୍ଗା ଗୋଦାବରୀ ନର୍ମଦା ଆଦି ନଦୀ ଘାଟରେ ଦେବପୂଜାର ପିଣ୍ଡ ଶ୍ରାଦ୍ଧ ସ୍ଥାନ ତୀର୍ଥସ୍ଥାନ କ୍ଷେତ୍ର ସେକାଳରୁ ପ୍ରଚଳିତ ହୋଇ ଆସୁଛି। ତଥାପି କର ମୁକ୍ତ ଏ ତୀର୍ଥସ୍ଥାନ ନଥିଲା। ପ୍ରୟାଗର ଅକ୍ଷୟବଟ ଦେଖନ୍ତୁ ଏକ ଇସଲାମିକ ଗଡ଼ ମଧ୍ୟରେ ଏବେ ବି ରହିଛି।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ
ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

# ଉଜୁଡ଼ିଯାଉଛି ସବୁଜିମା

## ଡ଼ଃ.ଅରୁନ୍ଧତୀ ଦେବୀ

ଜଳବାୟୁ ପରିବର୍ତ୍ତନ ସମଗ୍ର ବିଶ୍ୱ ପାଇଁ ଚିନ୍ତାର କାରଣ ହୋଇଛି। ଏହାର ପ୍ରଭାବ ଖାଦ୍ୟଶସ୍ୟ ଉତ୍ପାଦନ ଉପରେ ପଡ଼ିବା ଆରମ୍ଭ କଲାଣି। ପରିବେଶ ସୁରକ୍ଷା ପାଇଁ ଜଙ୍ଗଲ ସମ୍ପଦର ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଛି। ମାତ୍ର ବିକାଶ ନାଁରେ ଏହି ପ୍ରାକୃତିକ ସମ୍ପଦ ଉଜୁଡ଼ି ଯାଉଛି। ପ୍ରତ୍ୟେକ ବର୍ଷ ବିଭିନ୍ନ ପ୍ରକଳ୍ପ ସକାଶେ ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କିସମରେ ପରିଣତ କରିବା କାର୍ଯ୍ୟ ଦ୍ରୁତଗତିରେ ଆଗେଇ ଚାଲିଛି। ଜଙ୍ଗଲ ସଫା ହେଉଥିବାରୁ ରାଜ୍ୟକୁ ବନ୍ୟା, ବାତ୍ୟା, ମରୁଡ଼ି ଭଳି ପ୍ରାକୃତିକ ବିପଦ ମଧ ବଢ଼ିଚାଲିଛି। ଏପରି ଧାରା ବଜାୟ ରହିଲେ ରାଜ୍ୟରେ ଏହି ପ୍ରାକୃତିକ ସମ୍ପଦ ପଦା ହେବା ସହ ଆଗାମୀ ଦିନରେ ବିପଦ ଆହୁରି ଘନେଇ ବୋଲି ପରିବେଶବିତମାନେ ଚେତାବନୀ ଦେଇଛନ୍ତି। ବିଭିନ୍ନ ପ୍ରକଳ୍ପ ପାଇଁ ଗତ ୧୦ ବର୍ଷ ମଧରେ ରାଜ୍ୟରେ ୨୩୧୦୭,୩୩୫ ହେକ୍ଟର ଜଙ୍ଗଲ ଜମିକୁ ଅଣ ଜଙ୍ଗଲ କିସମରେ ପରିଣତ କରାଯାଇଛି। ଏଥିସହ ପ୍ରାୟ ୧୦ ଲକ୍ଷ ବୃକ୍ଷ କଟାଯାଇଛି। ନିକଟରେ ଶେଷ ହୋଇଥିବା ବିଧାନସଭାରେ ଭାଜପା ସଭ୍ୟ ପ୍ରଶାନ୍ତ ଜଗଦେବଙ୍କ ଏକ ପ୍ରଶ୍ନର ଉତ୍ତରରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ ଏହି ସୂଚନା ଦେଇଛନ୍ତି। ମନ୍ତ୍ରୀ କହିଛନ୍ତି ବିଭିନ୍ନ ବିକାଶମୂଳକ ପ୍ରକଳ୍ପ ନିମନ୍ତେ, ଭାରତ ସରକାରଙ୍କ ପରିବେଶ, ଜଙ୍ଗଲ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରଣାଳୟ, ବନ ସଂରକ୍ଷଣ ଓ ସମ୍ବର୍ଦ୍ଧନା ଆଇନ, ୧୯୮୦ରେ ଧାରା (୨) ଅନୁଯାୟୀ ଜଙ୍ଗଲ ଜମିକୁ ବିଭିନ୍ନ ଅଣଜଙ୍ଗଲ କାର୍ଯ୍ୟ ଉଦ୍ଦେଶ୍ୟରେ ଅପସାରଣ ନିମନ୍ତେ ଅନୁମୋଦନ ପ୍ରଦାନ କରିଛନ୍ତି। ଉପରୋକ୍ତ ଆଇନର ବ୍ୟବସ୍ଥା ଅନୁଯାୟୀ ଅପସାରିତ ହୋଇଥିବା ଜଙ୍ଗଲ ଜମିର ସମପରିମାଣ ଅଣଜଙ୍ଗଲ ଜମିରେ କିମ୍ବା ଦୁଇଗୁଣା ଉଜୁଡ଼ା ଜଙ୍ଗଲ ଜମିର କ୍ଷତିପୂରକ ବନୀକରଣ କରାଯିବାର ନିୟମ ରହିଛି।

ବିଗତ ଦଶ ବର୍ଷରେ ୨୦୧୪-୨୦୨୪ ଶିଳ୍ପାନୁଷ୍ଠାନ, ଖଣିଖାଦାନ, ନଦୀବନ୍ଧ, ସରକାରୀ ଓ ଘରୋଇ କୋଠାବାଡ଼ି ପ୍ରକଳ୍ପ ନିମନ୍ତେ ସର୍ବମୋଟ ୨୩୧୦୭,୩୩୫ ହେକ୍ଟର ସଂରକ୍ଷିତ ଜଙ୍ଗଲ ଜମି, ପ୍ରସ୍ତାବିତ ରକ୍ଷିତ ଜଙ୍ଗଲ ଜମି, ଗ୍ରାମ୍ୟ ଜଙ୍ଗଲ ଜମି, ଡିଏଲସି ଜମି ଓ ଅନ୍ୟାନ୍ୟ କିସମର ଜଙ୍ଗଲ ଜମିକୁ ଅଣଜଙ୍ଗଲ କାର୍ଯ୍ୟରେ ବ୍ୟବହାର ପାଇଁ ଭାରତ ସରକାରଙ୍କ ପରିବେଶ ମନ୍ତ୍ରଣାଳୟ ଅନୁମତି ଦେଇଛନ୍ତି। ଏହାର କ୍ଷତି ପୂରଣ ନିମନ୍ତେ ୨୦୨୩ ଜାନୁୟାରୀ ସୁଦ୍ଧା ୩୨୧୯୮.୬୧୫ ହେକ୍ଟର ଜମିରେ କ୍ଷତିପୂରକ ବନୀକରଣ କରାଯାଇ ନୂତନ ଜଙ୍ଗଲ ସୃଷ୍ଟି କରାଯାଇଅଛି। ଆସନ୍ତା ବର୍ଷଗୁଡ଼ିକରେ ବାକିଥିବା କ୍ଷତିପୂରକ ବନୀକରଣ କରାଯିବା ପାଇଁ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ମନ୍ତ୍ରୀ କହିଛନ୍ତି। ଏହାଛଡ଼ା ରାଜ୍ୟ ସରକାର ମଧ ଜଙ୍ଗଲ ଅଧିକାର ଆଇନ ୨୦୦୬ ଅନୁଯାୟୀ ବିଭିନ୍ନ ପ୍ରକଳ୍ପ ପାଇଁ ବିଗତ ବର୍ଷଗୁଡ଼ିକରେ ୭୮.୩୪୮ ହେକ୍ଟର ଜଙ୍ଗଲ ଜମିର କିସମକୁ ବଦଳାଇଛନ୍ତି। ଏଥିସହିତ ଗତ କିଛି ବର୍ଷ ମଧରେ ରାଜ୍ୟରେ ବିଭିନ୍ନ ପ୍ରକଳ୍ପ ପାଇଁ ଲକ୍ଷ ଲକ୍ଷ ବୃକ୍ଷକୁ ବଳି ଦେବାକୁ ପଡ଼ିଛି। ୨୦୦୬ରୁ ୨୦୧୨ ମଧରେ ଶିଳ୍ପ, ଖଣି, ଜଳସେଚନ, ରାସ୍ତା ନିର୍ମାଣ, ବିଦ୍ୟୁତ ଆଦି ପାଇଁ ୮୮୨୦.୭୭ ହେକ୍ଟର ଜଙ୍ଗଲ ଜମିକୁ ନଷ୍ଟ କରାଯାଇଛି। ତେବେ ଯେତେ ସଂଖ୍ୟକ ଗଛ କଟାଯାଉଛି ସେହି ପରିମାଣରେ ବୃକ୍ଷରୋପଣ ହେଉନାହିଁ। ଯେଉଁ ବୃକ୍ଷରୋପଣ ହେଉଛି ସେଥିରୁ ଅଧିକାଂଶ ରକ୍ଷଣାବେକ୍ଷଣ ଅଭାବରୁ ଅଣଜଙ୍ଗଲ ଅଞ୍ଚଳରେ ଗୋଟଇଏ ଗଛ କାଟିଲେ ଏହା ବଦଳରେ ୨ରୁ ୧୦ ଗୁଣ ଗଛ ଲଗାଇବା ନେଇ ସରକାରୀ ଗାଇଡ଼ଲାଇନ ରହିଛି। ଏହାକୁ ଠିକ ଭାବେ ଅନୁସରଣ କରାଯାଉ ନଥିବାରୁ ପରିବେଶବିତ୍ ଚିନ୍ତା ପ୍ରକଟ କରିଛନ୍ତି। ସାମାଜିକ କର୍ମୀ ବିଶ୍ୱପ୍ରିୟ କାନୁନଗୋ କହିଛନ୍ତି, ଭୁବନେଶ୍ୱର, କଟକ ଜାତୀୟ ରାଜପଥ ହେଉ କିମ୍ବା ସହର ଭିତରେ ରାସ୍ତା ସମ୍ପ୍ରସାରଣ ପାଇଁ ବହୁ ସଂଖ୍ୟାରେ ବଡ଼ ବଡ଼ ଗଛକୁ କାଟି ଦିଆଯାଇଛି। ଏହା ବଦଳରେ ସେତିକି ପରିମାଣ ଗଛ ନଥିବାରୁ ସହରରେ ତାପମାତ୍ରା ବଢ଼ିବା ସାଙ୍ଗକୁ ପରିବେଶ ଉତ୍ତପ୍ତ ହେଉଛି। ଏହି କାରଣରୁ ଅନେକ ପଶୁପକ୍ଷୀ ମଧ ଲୋପ ପାଇଗଲେଣି। ବୃକ୍ଷରୋପଣ ଉପରେ ସବୁ ସ୍ତରରେ ପଦକ୍ଷେପ ନିଆଯିବା ଦରକାର ବୋଲି ସେ କହିଛନ୍ତି।

ନିର୍ଦ୍ଦେଶିକା-ସମ୍ପାଦିକା, ଆନ୍ତର୍ଜାତିକ ଅଶୋଭନୀୟତା ନିରୋଧ ଆନ୍ଦୋଳନ, କଟକ, ଦୂରଭାଷ : ୯୯୩୭୧୭୨୮୧୦

# ପ୍ୟାରୀମୋହନ ଆଚାର୍ଯ୍ୟ

## ବିପିନ ବିହାରୀ ରାଉତ

୧୯୦୩ରେ ଉତ୍କଳ ସମ୍ମିଳନୀ ପ୍ରତିଷ୍ଠାର ବହୁ ପୂର୍ବରୁ ଓଡ଼ିଆ ଭାଷାଭାଷୀ ଅଞ୍ଚଳର ଏକତ୍ରୀକରଣର ପ୍ରୟାସ ଆରମ୍ଭ କରିଥିଲେ ପ୍ୟାରୀମୋହନ ଆଚାର୍ଯ୍ୟ। ସେ ଥିଲେ ସ୍ୱାଧୀନଚେତା ଓ ମାନବବାଦୀ। ମାନବ ସମାଜର ଉନ୍ନତି କାମନା କରୁଥିଲେ। ଅନ୍ୟାୟ, ଅନୀତି, କୁସଂସ୍କାର, ଅନ୍ଧବିଶ୍ୱାସ ବିରୋଧରେ ସ୍ୱର ଉତ୍ତୋଳନ କରୁଥିଲେ। କଟକ ଜିଲ୍ଲାର ମାହାଙ୍ଗାରେ ସେ ଜନ୍ମ ହୋଇଥିଲେ। ସାଧାରଣ ଲୋକଙ୍କ ସମସ୍ୟାକୁ ସରକାରଙ୍କ ନିକଟରେ ପହଞ୍ଚାଇବା ପାଇଁ ୧୮୭୦ରେ ଉତ୍କଳ ପୁତ୍ର ନାମକ ପାକ୍ଷିକ ପତ୍ରିକା ପ୍ରକାଶନ ଆରମ୍ଭ କରିଥିଲେ। ଶିକ୍ଷାର ବିକାଶ ପାଇଁ ସେ ଖୋଲିଥିବା କଟକ ଏକାଡ଼େମି ନାମକ ଉଚ୍ଚ ବିଦ୍ୟାଳୟ, ଆଜି ସଗର୍ବେ ପ୍ୟାରୀମୋହନ ଏକାଡ଼େମି ଭାବେ ଛିଡ଼ା ହୋଇ ତାଙ୍କ ସ୍ମୃତିଚାରଣ କରୁଛି। ଆଜି ଓଡ଼ିଶା ଶିକ୍ଷା ମହଲରେ ପ୍ୟାରୀମୋହନ ଏକାଡ଼େମୀ ଅନ୍ୟ ବିଦ୍ୟାଳୟ ମାନଙ୍କ ପାଇଁ ଆଦର୍ଶ ପାଲଟିଛି। ପ୍ୟାରୀମୋହନ ଆଚାର୍ଯ୍ୟ ବହୁ ଗ୍ରନ୍ଥ, ବିଭିନ୍ନ ସରକାରୀ ଓ ବେସରକାରୀ ବିବରଣୀକୁ ତଥ୍ୟ ସଂଗ୍ରହ କରି ଓଡ଼ିଶାର ଇତିହାସ ଲେଖିଥିଲେ। ଓଡ଼ିଶାର ଜଣେ ବିଶିଷ୍ଟ ଜନନାୟକ ମାନବ ଚିନ୍ତନର ଜଣେ ବିଶିଷ୍ଟ ସମାଜସେବୀ ସଂସ୍କାରକ ଭାବେ ଚିରଦିନ ପାଇଁ ସେ କୋଟି କୋଟି ଓଡ଼ିଆଙ୍କ ପାଇଁ ସ୍ମରଣୀୟ ହୋଇରହିବେ। ମାହାଙ୍ଗା ଅଞ୍ଚଳର ଏହି ସାରସ୍ୱତ ସାଧନା ଓ ସମାଜସେବାର ଆଲୋକସ୍ତମ୍ଭ ସଦୃଶ ଏହି ମହାନ ବ୍ୟକ୍ତିତ୍ୱଙ୍କ ଜୀବନ କାହାଣୀ ଆମ ସମସ୍ତଙ୍କ ପାଇଁ ପ୍ରେରଣାର ଉତ୍ସ। ୧୮୮୧ ଡିସେମ୍ବର ୨୮ ତାରିଖ ଦିନରେ ତାଙ୍କର ପରଲୋକ ହୋଇଥିଲା। ଆଜିର କୁସଂସ୍କାର ଚିନ୍ତନ ଭାଇଚାରା ଭେଦଭାବ ଭିତରେ ନିଜକୁ ତଥା ସମାଜକୁ ସଂସ୍କାରଭିମୁଖୀ କରିବା ପାଇଁ ନିଜ ଜୀବନକୁ ଆଗେଇନେଇପାରିଲେ ଆଜି ତାଙ୍କ ମହାପ୍ରୟାଣତିଥି ପାଇଁ ଶ୍ରେଷ୍ଠ ଶ୍ରଦ୍ଧାଞ୍ଜଳି ହୋଇପାରିବ।

ଶ୍ରୀବିହାର କଲୋନୀ, ତୁଳସୀପୁର, କଟକ, ର-ଙ୍କବସକ୍ଷ : ଭସକ୍ତ୍ରସଭକ୍ସକ୍ଣଙ୍କଗ୍ଥଅକ୍ସରୟସଲଲଙ୍କବସକ୍ଷ.ମକ୍ଣଙ୍କ

# ଭକ୍ତକବି ମଧୁସୂଦନ ରାଓ

## ଯଶସ୍ୱିନୀ ପଟ୍ଟନାୟକ

ମଧୁସୂଦନ ରାଓଙ୍କ ଜୀବନର ମୂଳ ଭିତ୍ତି ଥିଲା ଭଗବତ ଶକ୍ତି। ପୁରୀର ପଥୁରିଆ ସାହିରେ ସେ ଜନ୍ମ ହୋଇଥିଲେ। ବାଲ୍ୟକାଳରୁ ତାଙ୍କ ଅନ୍ତରରେ ଧର୍ମପିପାସା ଜାଗ୍ରତ ଥିଲା। ଶିକ୍ଷାର୍ଥୀ ଜୀବନ ଶେଷ ହେବା ପରେ ଶିକ୍ଷକ ଭାବେ ଆରମ୍ଭ କରିଥିଲେ ନିଜର କର୍ମମୟ ଜୀବନ। ମଧୁସୂଦନ ଥିଲେ ଜଣେ ଆଦର୍ଶ ଓ ନିଷ୍ଠାପର ଶିକ୍ଷାସେବୀ। ତାଙ୍କ ଶିକ୍ଷାଦାନ ପ୍ରଣାଳୀ, ଗମ୍ଭୀରତା, ନିର୍ମଳ ଚରିତ୍ର ଓ ଅକପଟ ସ୍ନେହ ଯୋଗୁଁ ସେ ଛାତ୍ର ମାନଙ୍କର ପ୍ରିୟ ଥିଲେ। ୧୮୯୫ରେ ସେ ରଚନା କରିଥିଲେ 'ବର୍ଣ୍ଣବୋଧ'। ବିଦ୍ୟା ଅଟଇ ମହାଧନ, ବାଳକେ କର ଉପାର୍ଜନ, ବିଦ୍ୟା ଅଟଇ ମହାରତ୍ନ ହୃଦୟେ ଘେନ କରି ଯତ୍ନ, କି ସୁନ୍ଦର ଆହା, କି ଆନନ୍ଦମୟ ଏହି ବିଶାଳ ସଂସାର, ଧନ୍ୟ ମହାପ୍ରଭୁ, ମହିମା ତୁମର, ଅଟେ ଅନନ୍ତ ଅପାର ଆଦି ଅବିସ୍ମରଣୀୟ। ୧୯୧୨ ଡିସେମ୍ବର ୨୮ ତାରିଖ ଦିନରେ ଭକ୍ତକବି ମଧୁସୂଦନ ରାଓଙ୍କ ପରଲୋକ ହୋଇଥିଲା।

ଅଧ୍ୟକ୍ଷା, ନାଳନ୍ଦା ପବ୍ଲିକ ସ୍କୁଲ, ସେକ୍ଟର-୮, ସିଡିଏ, କଟକ,
ଇ-ମେଲ : jasaswinipattanaik78@gmail.com

# ରୋଚକମୋଡ଼ରେ ବକ୍ସିଂ ଡେ ଟେଷ୍ଟ

## କ୍ୟାଚ ହାତଛଡ଼ା ଓ ନୋ ବଲ୍ ହେଲା କାଳ

## ଅଷ୍ଟ୍ରେଲିଆ ୨୨୮/୯, ୩୩୩ ରନ୍‌ରେ ଅଗ୍ରଣୀ

## ଭାରତ ପ୍ରଥମ ଇଂନିସ ୩୬୯





ମେଲବୋର୍ଣ୍ଣ, ୨୯।୧୨: ଐତିହାସିକ ମେଲବର୍ଣ୍ଣରେ ଚାଲିଥିବା ବର୍ଡର-ଗାଭାସ୍କର ଟ୍ରଫିର ୪ର୍ଥ ତଥା ବକ୍ସିଂ ଡେ ଟେଷ୍ଟରେ ସୁଯୋଗ ହାତ ଛଡ଼ା କରିଛି ଭାରତ। ଚତୁର୍ଥ ଦିନରେ ଘରୋଇ ଅଷ୍ଟ୍ରେଲିଆ ଚାପରେ ଥିଲେ ହେଁ ଏହାର ଫାଇଦା ଉଠାଇ ପାରିନାହିଁ ଭାରତ।

କ୍ୟାଚ ମିସ୍ ଓ ନୋ ବଲ ଯୋଗୁ ନାଥନ ଲାୟନ ଓ ସ୍କଟ ବୋଲାଣ୍ଡ ଅଷ୍ଟ୍ରେଲିଆକୁ ବିପଦରୁ ଉଦ୍ଧାର କରିଛନ୍ତି। କଙ୍ଗାରୁ ଟିମ ୧୭୩ ରନରେ ୯ମ ୱିକେଟ ହରାଇଥିଲା କିନ୍ତୁ ଲାୟନ ଓ ବୋଲାଣ୍ଡ ଶେଷ ୱିକେଟ ପାଇଁ ଅବିଭାଜିତ ୫୫ ରନ ଯୋଡ଼ି ଭାରତ ଠାରୁ ମ୍ୟାଚ୍‌କୁ ବହୁ ଦୂରକୁ ନେଇ ଯାଇଛନ୍ତି। ଲାୟନ ୫ ରନ କରିଥିବା ବେଳେ ମହମ୍ମଦ ସିରାଜ ନିଜ ବୋଲିଂରେ କ୍ୟାଚ୍ ସୁଯୋଗ ସୃଷ୍ଟି କରିଥିଲେ। ହେଲେ ଏହାକୁ ସେ ନିଜେ ହିଁ ଧରିବାକୁ ସକ୍ଷମ ହୋଇ ନଥିଲେ। ଶେଷରେ ଲାୟନ ଆଜି ଖେଳ ଶେଷ ହେବା ଯାଏ ବ୍ୟକ୍ତିଗତ ଭାବେ ୪୧ ରନରେ ପହ□ ଯାଇଛନ୍ତି। ସେହିପରି ଇନିଂସର ୮୨ତମ ଓଭରରେ ଯଶପ୍ରୀତ ବୁମରାଙ୍କ ବଲରେ ଲାୟନ ଆଉଟ ହୋଇଥିଲେ। କିନ୍ତୁ ବୁମରା ନୋ ବଲ ପକାଇଥିବାରୁ ଲାୟନ ପୁଣି ବ୍ୟାଟିଂ କରିଥିଲେ। ଏହି କ୍ୟାଚ ମିସ ଓ ନୋ ବଲ ଭାରତକୁ ବେଶ ମହଙ୍ଗା ପଡ଼ିଛି। ଏହାପୂର୍ବରୁ ଯଶସ୍ୱୀ ଜୈସାଲ ମଧ୍ୟ ଲାବୁଶେନଙ୍କ ଦୁଇଟି ଓ କମିନ୍ସଙ୍କ ଗୋଟିଏ କ୍ୟାଚ୍ ହାତଛଡ଼ା କରିଥିଲେ।

୪ର୍ଥ ଦିନର ଷ୍ଟମ୍ପ ଅପସାରଣ ବେଳକୁ ଅଷ୍ଟ୍ରେଲିଆ ୯ ୱିକେଟ ହରାଇ ୨୨୮ ରନ କରିନେଇଛି ଏଥିସହ ଲିଡ୍‌କୁ ୩୩୩ ରନରେ ପହ□ାଇ ଦେଇଛି। ଭାରତକୁ ଶେଷ ଦିନରେ ଅତି କମରେ ୩୪୦ରୁ ୩୫୦ ରନର ବିଜୟ ଲକ୍ଷ୍ୟ ଅଷ୍ଟ୍ରେଲିଆ ଦେଇପାରେ।

କେବଳ ୨୦୨୧ରେ ଗାବାରେ ଯେଉଁଭଳି ଭାବେ ଭାରତ ଶେଷ ଦିନରେ ୩୨୮ ରନର ବିଜୟ ଲକ୍ଷ୍ୟକୁ ଚମତ୍କାର ଢଙ୍ଗରେ ହାସଲ କରିଥିଲା, ଆସନ୍ତାକାଲି ମେଲବର୍ଣ୍ଣରେ ସେମିତି କିଛି କରିବାର ରହିଛି।

ଭାରତ ତୃତୀୟ ଦିନ ଖେଳ ଶେଷ ସୁଦ୍ଧା ୯ ୱିକେଟ ହରାଇ ୩୫୮ ରନ କରିଥିଲା। ଆଜି ଆଉ ୧୧ ରନ ପରେ ଦଳ ଶେଷ ବ୍ୟାଟର ଭାବେ ନୀତୀଶ କୁମାର ରେଡ୍ଡୀଙ୍କୁ ହରାଇଥିଲା ସେ ୧୧୪ ରନରେ ଆଉଟ ହୋଇଥିଲେ। ଭାରତ ୩୬୯ ରନରେ ଅଲଆଉଟ ହୋଇଯିବାରୁ ଅଷ୍ଟ୍ରେଲିଆକୁ ୧୦୫ ରନର ଲିଡ୍ ମିଳିଥିଲା।।

ପ୍ରଥମ ଇନିଂସରେ ୪୭୪ ରନ କରିଥିବା ଅଷ୍ଟ୍ରେଲିଆକୁ ଦ୍ୱିତୀୟ ଇନିଂସରେ ବୁମ୍ରାହ ଓ ସିରାଜ ଯୋଡ଼ି ଘା□ଥିଲେ। ଗୋଟିଏ ପଟେ ମାର୍ନସ ଲାବୁଶେନ ରହିଥିବା ବେଳେ ଅନ୍ୟପଟେ ଗୋଟିଏ ପରେ ଗୋଟିଏ ୱିକେଟ ଝଡ଼ି ଚାଲିଥିଲା। ସାମ କନଷ୍ଟାସ ୮, ଉସମାନ ଖାଓ୍ୱାଜା ୨୧ ରନ୍ କରିଥିଲେ। ଷ୍ଟିଭ ସ୍ମିଥ(୧୩) ମଧ୍ୟ ସିରାଜଙ୍କ ଶିକାର ବନିଥିଲେ। ପ୍ରଥମ ଇନିଂସରେ ଖାତା ଖୋଲି ପାରି ନଥିବା ଇନଫର୍ମ ଟ୍ରାଭିସ ହେଡ୍ ଆଜି କେବଳ ୧ ରନ କରି ପୁଣି ବୁମ୍ରାଙ୍କ ବଲରେ ଆଉଟ ହୋଇଛନ୍ତି। ମିଚେଲ ମାର୍ଶ(୦) ଓ ଆଲେକ୍ସ କେରୀ(୨)ଙ୍କୁ ଆଉଟ କରି ବୁମ୍ରା କଙ୍ଗାରୁ ଟିମକୁ ୯୧ ରନରେ ୬ଷ୍ଠ ଝଟକା ଦେଇଥିଲେ। ଏତିକି ବେଳେ ଲାବୁଶେନ ଓ ଅଧିନାୟକ ପାଟ କମିନ୍ସ ସ୍ଥିତି ସମ୍ଭାଳିଥିଲେ। ଉଭୟ ୭ମ ୱିକେଟ ପାଇଁ ୫୭ ରନ ଯୋଡ଼ିଥିଲେ। ଲାବୁଶେନଙ୍କ ବ୍ୟାଟରୁ ପୁଣି ଅର୍ଦ୍ଧଶତକ ଦେଖିବାକୁ ମିଳିଥିଲା। କିନ୍ତୁ ଦଳୀୟ ସ୍କୋର ୧୪୮ ରନ ଥିବା ବେଳେ ସିରାଜ ୭୦ ରନ କରିଥିବା ଲାବୁଶେନଙ୍କୁ ଆଉଟ କରିଥିଲେ। ମିଚେଲ ଷ୍ଟାର୍କ ମଧ୍ୟ କେବଳ ୫ ରନ କରି ରନ ଆଉଟ ହୋଇଯାଇଥିଲେ। ଦଳୀୟ ସ୍କୋର ୧୭୩ ଥିବା ବେଳେ ଅଷ୍ଟ୍ରେଲିଆ ୯ମ ୱିକେଟ ହରାଇଥିଲା ୪୧ ରନ କରିଥିବା କମିନ୍ସଙ୍କୁ ରବୀନ୍ଦ୍ର ଜାଡେଜା ଆଉଟ କରିଥିଲେ।

ଏହି ସମୟରେ ଅଷ୍ଟ୍ରେଲିଆର ଲିଡ୍ ମଧ୍ୟ କେବଳ ୨୭୮ ରନ ରହିଥିଲା। ଲାଗୁଥିଲା ଭାରତ ମେଲବର୍ଣ୍ଣ ଟେଷ୍ଟରେ ଜବରଦସ୍ତ କମବ୍ୟାକ କରିବ ହେଲେ ଶେଷ ୱିକେଟ ପାଇଁ ବୋଲାଣ୍ଡ ଓ ଲାୟନ କମାଲ କରିଥିଲେ। ଭାରତୀୟ ବୋଲରଙ୍କୁ କଡ଼ା ମୁକାବିଲା କରି ଉଭୟ ୬୪.୧ ଓଭରରୁ ୮୨ ଓଭର ଯାଏ ବ୍ୟାଟିଂ କରିଥିଲେ। ଏଥିସହ ଲିଡ୍‌କୁ ୩୩୩ ରନରେ ପହ□ାଇ ଦେଇଛନ୍ତି। ଭାରତ ଏହି ଯୋଡ଼ିକୁ ଭାଙ୍ଗିବାକୁ ଚେଷ୍ଟା କରିଥିଲେ ହେଁ କୌଣସି ଲାଭ ପାଇନାହିଁ। ଉଭୟ ୪ର୍ଥ ଦିନର ଷ୍ଟମ୍ପ ଅପସାରଣ ଯାଏ ବ୍ୟାଟିଂ କରିଛନ୍ତି ଷ୍ଟମ୍ପ ଅପସାରଣ ବେଳକୁ ଲାୟନ ୪୧ ଓ ବୋଲାଣ୍ଡ ୬୫ ବଲରେ ୧୦ ରନ କରି ଅପରାଜିତ ରହିଛନ୍ତି।

## ସୁନିଲ ଗାଭାସ୍କରଙ୍କୁ ବିଶେଷ ସମ୍ମାନ ଦେଲେ ନୀତୀଶ ରେଡ୍ଡୀଙ୍କ ପିତା

ନୂଆଦିଲ୍ଲୀ, ୨୯।୧୨: ନୀତୀଶ କୁମାର ରେଡ୍ଡୀଙ୍କ ଶତକ ପରେ ତାଙ୍କ ପିତା ମୁତିଲିଆ ରେଡ୍ଡୀ ଅତ୍ୟନ୍ତ ଭାବପ୍ରବଣ ଦେଖାଯାଉଥିଲେ। ଷ୍ଟାଡିୟମରେ ତାଙ୍କ ଆଖିରୁ ଖୁସିର ଲୁହ ଝରିବାକୁ ଲାଗିଲା। ଯେତେବେଳେ ପୁଅର ଶତକ ପରେ ବାପା ଭେଟେରାନ କ୍ରିକେଟର ସୁନୀଲ ଗାଭାସ୍କରଙ୍କୁ ଭେଟିବାକୁ ଆସିଥିଲେ, ସେତେବେଳେ ସେ ଗାଭାସ୍କରଙ୍କ ପାଦ ଛୁଇଁ ତାଙ୍କୁ ସମ୍ମାନ ଜଣାଇଥିଲେ। କେବଳ ବାପା ମୁତିୟା ନୁହେଁ ତାଙ୍କ ସହିତ ମା ଏବଂ ନୀତୀଶଙ୍କ ଭଉଣୀ ମଧ୍ୟ ଗାଭାସ୍କରଙ୍କ ପାଦ ଛୁଇଁଥିଲେ । ନୀତୀଶଙ୍କ ପିତା ଗାଭାସ୍କରଙ୍କ ପାଦ ଛୁଇଁବା ପରେ ସେ ତାଙ୍କ ଆଣ୍ଠୁରେ ବସି ତାଙ୍କ ସହ କଥା ହେବା ଆରମ୍ଭ କଲେ।

ନୀତୀଶ ରେଡ୍ଡୀଙ୍କ ପରିବାର ସହିତ ସାକ୍ଷାତ ସମୟରେ ସୁନୀଲ ଗାଭାସ୍କର ନୀତୀଶଙ୍କ ବ୍ୟାଟିଂ ବିଷୟରେ କହିଥିଲେ ସେ କହିଛନ୍ତି ଯେ ସେ ଜଣେ ହୀରା। ପୁଅର ପ୍ରଦର୍ଶନରେ ବାପା ବହୁତ ଖୁସି ଅଛନ୍ତି ଏବଂ ଶବ୍ଦ ମାଧ୍ୟମରେ ମଧ୍ୟ ନିଜର ଖୁସି ବ୍ୟକ୍ତ କରିଛନ୍ତି ନୀତୀଶଙ୍କ ଶତକ ପରେ ତାଙ୍କ ପିତା ଏକ ଥରିବା ସ୍ୱରରେ କହିଛନ୍ତି, ସେ ଅଣ୍ଡର -୧୪, ଅଣ୍ଡର -୧୫ ରୁ ନିଜ ରାଜ୍ୟ ପାଇଁ ଖେଳୁଛନ୍ତି ଏବଂ ବ□ମାନ ସେ ଟିମ ଇଣ୍ଡିଆ ପାଇଁ ଆନ୍ତର୍ଜାତୀୟ ସ୍ତରରେ ଖେଳୁଛନ୍ତି ଆଜି ଆମ ପାଇଁ ଏହା ଏକ ସ୍ୱତନ୍ତ୍ର ମୁହୂ□

# ପ୍ରଥମ ଥର ଡବ୍ଲ୍ୟୁଟିସି ଫାଇନାଲରେ ଦକ୍ଷିଣ ଆଫ୍ରିକା



ଜୋହାନ୍ସବର୍ଗ, ୨୯।୧୨: ଆସନ୍ତାବର୍ଷ ଖେଳାଯିବାକୁ ଥିବା ଆଇସିସି ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଫାଇନାଲରେ ଦକ୍ଷିଣ ଆଫ୍ରିକା ବିଶ୍ୱର ପ୍ରଥମ ଦଳ ଭାବେ ଦକ୍ଷିଣ ଆଫ୍ରିକା ୨୦୨୫ ଫାଇନାଲ ଖେଳିବାକୁ ଯୋଗ୍ୟତା ଅର୍ଜନ କରିଛି। ଆଜି ଦକ୍ଷିଣ ଆଫ୍ରିକା ନିଜ ପାଟିରେ ପାକିସ୍ତାନକୁ ରୋମା□କର ଢଙ୍ଗରେ ୨ ୱିକେଟରେ ପରାସ୍ତ କରିଛି। ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟ ଜିତିବା କ୍ଷଣି ଦକ୍ଷିଣ ଆଫ୍ରିକା ୬୬.୬୭ ବିଜୟ ପ୍ରତିଶତ ସହ ଫାଇନା ଟିକେଟ ହାତେଇଛି। ଦକ୍ଷିଣ ଆଫ୍ରିକା ପ୍ରଥମଥର ପାଇଁ ବିଶ୍ୱ ଟେଷ୍ଟ ଚାମ୍ପିୟନଶିପ ଖେଳିବାକୁ ଯୋଗ୍ୟତା ଅର୍ଜନ କରିପାରିଛି।

ଏବେ ଭାରତ ଓ ଅଷ୍ଟ୍ରେଲିଆ ମଧ୍ୟରୁ କିଏ ଫାଇନାଲକୁ ଯାଉଛି, ସେକଥା ବର୍ଡର-ଗାଭାସ୍କର ଟ୍ରଫିର ବକ୍ସିଂ ଡେ ଟେଷ୍ଟ ପରେ ସ୍ପଷ୍ଟ ହୋଇଯିବ ଭାରତ ଏହି ଟେଷ୍ଟକୁ ଯଦି ଜିତି ପାରିବ ନାହିଁ, ତାହେଲେ ଦଳ କ୍ରମାଗତ ତୃତୀୟ ଥର ପାଇଁ ଫାଇନାଲ ଖେଳିବାରୁ ବ□ିତ ହେବ ଏବେ ଅଷ୍ଟ୍ରେଲିଆର ବିଜୟ ପ୍ରତିଶତ ୫୮.୮୯ ରହିଥିବା ବେଳେ ଭାରତ ୫୫.୮୯% ସହ ପଏ□ ଟେବୁଲର ତୃତୀୟ ସ୍ଥାନରେ ରହିଛି।

ଦକ୍ଷିଣ ଆଫ୍ରିକା ଓ ପାକିସ୍ତାନ ମଧ୍ୟରେ ସେ□ୁରିଅନରେ ଖେଳା ଯାଉଥିବା ପ୍ରଥମ ଟେଷ୍ଟ ବେଶ ରୋମା□କର ରହିଥିଲା ପ୍ରଥମେ ବ୍ୟାଟିଂ କରୁଥିବା ପାକିସ୍ତାନ ପ୍ରଥମ ଇନିଂସରେ ମାତ୍ର ୨୧୧ ରନ କରିଥିଲା ଏହାର ଜବାବରେ ଦକ୍ଷିଣ ଆଫ୍ରିକା ୩୦୧ ରନ କରିଥିଲା ଫଳରେ ଘରୋଇ ଟିମକୁ ଗୁରୁତ୍ୱପୂର୍ଣ୍ଣ ୯୦ ରନର ଲିଡ୍ ମିଳିଥିଲା।

ଦ୍ୱିତୀୟ ଇନିଂସରେ ବାବର ଆଜମ ୫୦ ରନ ଇନିଂସ ଖେଳିଥିଲେ ହେଁ ୟାନସେନ ପାକିସ୍ତାନକୁ ଘାଇଲା କରିଥିଲେ। ସେ ଏକାକୀ ୬ଟି ୱିକେଟ ନେବାକୁ ପାକିସ୍ତାନ ୨୩୭ ରନରେ ଅଲଆଉଟ ହୋଇଯାଇଥିଲା। ଦକ୍ଷିଣ ଆଫ୍ରିକାକୁ ପ୍ରଥମ ଟେଷ୍ଟ ଜିତିବା ପାଇଁ ୧୪୮ ରନର ଟାର୍ଗେଟ ମିଳିଥିଲା। କିନ୍ତୁ ତୃତୀୟ ଦିନର ଖେଳ ଶେଷ ସୁଦ୍ଧା ଦକ୍ଷିଣ ଆଫ୍ରିକା ୩ଟି ୱିକେଟ ହରାଇଥିଲେ ହେଁ କେବଳ ୨୭ ରନ କରି ପାରିଥିଲା। ଦଳକୁ ଜିତିବା ପାଇଁ ୧୨୧ ରନ ଦରକାର ଥିବା ବେଳେ ଆଜି ଏଡେନ ମାର୍କରମ ଓ ଅଧିନାୟକ ତେମ୍ବା ବଭୁମା ରନକୁ ଆଗକୁ ନେବାକୁ ଚେଷ୍ଟା କରିଥିଲେ। ହେଲେ ଦଳୀୟ ସ୍କୋରା ୬୨ ଥିବା ବେଳେ ମାର୍କରମ(୩୭) ଆଉଟ ହୋଇଯାଇଥିଲେ ବଭୁମା ମଧ୍ୟ ୪୦ ରନ କରିପାରିଥିଲେ।

ଡାଭିଡ ବେଣ୍ଡିଂହାମ ୧୪, କେୟଲେ ଭୀର୍ଣ୍ଣୟେ ୨ ଓ କୋରବିନ ବୋଚ ପ୍ରଥମ ବଲରେ ଆଉଟ ହୋଇଯିବାରୁ ଦକ୍ଷିଣ ଆଫ୍ରିକା ସଙ୍କଟରେ ପଡ଼ିଥିଲା ପାକିସ୍ତାନ ପାଇଁ ମିଡିୟମ ଦ୍ରୁତ ବୋଲର ମହମ୍ମଦ ଆବାସ ଦକ୍ଷିଣ ଆଫ୍ରିକାର ୮ଟି ୱିକେଟ ମଧ୍ୟରୁ ୬ଟି ଦଖଲ କରିଥିଲେ। ଲାଗୁଥିଲା ଦକ୍ଷିଣ ଆଫ୍ରିକା ୧୪୮ ରନର ବିଜୟ ଲକ୍ଷ୍ୟକୁ ହାସଲ କରିପାରିବ ନାହିଁ। କିନ୍ତୁ ୯ମ ୱିକେଟ ପାଇଁ ମାର୍କୋ ୟାନସେନ ଓ କାଗିସୋ ରବାଡା ୫୧ ରନ ଯୋଡ଼ି ଦକ୍ଷିଣ ଆଫ୍ରିକାକୁ ରୋମା□କର ବିଜୟ ଭେଟି ଦେଇଛନ୍ତି। ଦଳକୁ ଜିତିବା ପାଇଁ ୨ ରନ ଦରକାର ଥିବା ବେଳେ ରବାଡା ଚୌକା ମାରି ବିଜୟ ମୁଣ୍ଡି ମାରିଛନ୍ତି। ସେ ଶେଷ ଯାଏ ୨୬ ବଲରେ ୩୧ ଓ ୟାନସେନ ୨୪ ବଲରେ ୧୬ ରନ କରି ଅପରାଜିତ ରହିଥିଲେ। ପାକିସ୍ତାନ ପାଇଁ ମହମ୍ମଦ ଆବାସ ପାରୁ ଯାଏ ଚେଷ୍ଟା କରିଥିଲେ ହେଁ କିଛି ବି ଲାଭ ମିଳି ନଥିଲା ସେ ୬ଟି କେଟ ନେଇଥିବା ବେଳେ ନସୀମ ଶାହ ଓ ଖୁରାମ ଶାହଜାଦ ଗୋଟିଏ ଲେଖାଏ ସଫଳତା ପାଇଛନ୍ତି।

## ଓଡିଶା ରାଜ୍ୟ ଟାଏକୋଣ୍ଡୋ ଚାମ୍ପିଅନସିପ୍ ଉଦଘାଟିତ

ଭଦ୍ରକ, ୨୯।୧୨: ଭଦ୍ରକ ଜିଲ୍ଲା ଚରମ୍ପା ସ୍ଥିତ ମହାରାଜା ଅଗ୍ରସେନ ଭବନ ଠାରେ ଟାଏକୋଣ୍ଡୋ ଆସୋସିଏସନ୍ ଅଫ୍ ଓଡିଶା , ତାଓ ଆନୁକୂଲ୍ୟରେ ଆୟୋଜିତ ୨୧ ତମ ଓଡିଶା ରାଜ୍ୟ ଟାଏକୋଣ୍ଡୋ ଚାମ୍ପିଅନ ଉଦଘାଟିତ ହୋଇଛି ଭାରତୀୟ ଟାଏକୋଣ୍ଡୋର ଜନକ ତଥା 'ଟାଏକୋଣ୍ଡୋ ଫେଡେରେସନ୍ ଅଫ୍ ଇଣ୍ଡିଆ', ଲକ୍ଷ୍ନୌ ର ସେକ୍ରେଟାରୀ ଜେନେରାଲ୍, ଡକ୍ଟର ଜିମ୍ମୀ ଆର୍ ଜାଗତିଆନି ମୁଖ୍ୟ ଅତିଥି ରୂପେ ଯୋଗଦେଇ ବେଦଧ୍ୱନୀ ମଧ୍ୟରେ ପ୍ରଦୀପ ପ୍ରଜ୍ୱଳନ କରି ଏହି ପ୍ରତିଯୋଗିତାକୁ ଉଦଘାଟନ କରିଥିଲେ। ଡକ୍ଟର ଜାଗତିଆନି ଟାଏକୋଣ୍ଡୋ ସାମରିକ କଳାର ଉତ୍ପ□, ମହ□ ଓ ଜନପ୍ରିୟତା ସମ୍ପର୍କରେ ବର୍ଣ୍ଣନା କରିଥିଲେ ଭାରତୀୟ ସେନାକୁ ଏହି ସାମରିକ କଳାରେ ତାଲିମ ଦେବା ପାଇଁ ଭାରତ ସରକାରଙ୍କ ଅନୁରୋଧ କ୍ରମେ ସେ ୧୯୭୭ ମସିହାରେ ଦକ୍ଷିଣକୋରିଆ ରୁ ଭାରତ ଆସିଥିଲେ ଏବେ ଏହି କଳା ସର୍ବଭାରତୀୟ । ଚଳିତ ସଂସ୍କରଣରେ ପୁରୀ, ଖୋର୍ଦ୍ଧା, ଭୁବନେଶ୍ୱର, କଟକ, ନୟାଗଡ଼, ଢେଙ୍କାନାଳ, ଅନୁଗୁଳ, କେଉଁଝର, ଭଦ୍ରକ, ବାଲେଶ୍ୱର, ମୟୂରଭଞ୍ଜ, ମାଲକାନଗିରି ଓ ବିଭିନ୍ନ ବିଶ୍ୱବିଦ୍ୟାଳୟରୁ ମୋଟ ୩୬୨ ପ୍ରତିଯୋଗୀ ଓ ବ୍ଲାକ୍-ବେଲ୍ଟ ନିମନ୍ତେ ୩୨ ଜଣ ପରୀକ୍ଷାର୍ଥୀ ଯୋଗ ଦେଇଛନ୍ତି।

## ରାଜ୍ୟସ୍ତରୀୟ ଅଶୋକ ଦାସ ମେମୋରିଆଲ କ୍ରିକେଟ

# ଭଦ୍ରକ ଚରମ୍ପାକୁ ହରାଇ ଇଲେଭେନ ଷ୍ଟାର ଯାଜପୁର ବିଜୟୀ



ଯାଜପୁର, ୨୯।୧୨: ଯାଜପୁର ସହରର କୁସୁମା ପଡ଼ିଆ ଠାରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ୧୬ତମ ଅଶୋକ ଦାସ ମେମୋରିଆଲ କ୍ରିକେଟ ଟୁର୍ଣ୍ଣାମେ□ ଯାଜପୁର ବିଧାୟିକା ସୁଜାତା ସାହୁଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଏହି ଉଦ୍‌ଘାଟନୀ ଉତ୍ସବରେ ଯାଜପୁର ପୌରପାଳିକାର ଅଧକ୍ଷା ରଞ୍ଜୁଲତା ହୋତା, ଯାଜପୁର ପ□ାୟତ ସମିତି ଅଧକ୍ଷା ସ୍ୱର୍ଣ୍ଣଲତା ପରିଡ଼ା, ପୂର୍ବତନ ପୌରାଧ୍ୟକ୍ଷ ଭବପ୍ରସାଦ ଦାସ, ଜିଲା ପରିଷଦ ସଭ୍ୟା ମାମିନା ମଲ୍ଲିକ, ଶିକ୍ଷାବିତ୍ ଡ. ବଟକୃଷ୍ଣ ମହାପାତ୍ର, ଜିଲ୍ଲା କ୍ରିକେଟ ଆସୋସିଏସନର ସମ୍ପାଦକ ଜ୍ଞାନଚାନ୍ଦ ଦାସ, ଅଭୟ ବଲ୍ଲଭ ପଣ୍ଡା, ବରିଷ୍ଠ ନେତା ବଳଭଦ୍ର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

ଆଜିର ପ୍ରଥମ ଦିବସ ମ୍ୟାଚ୍ ଇଲେଭେନ ଷ୍ଟାର ଯାଜପୁର ଟାଉନ ସହିତ ଚରମ୍ପା ଭଦ୍ରକ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ପ୍ରଥମେ ଇଲେଭେନ ଷ୍ଟାର ଯାଜପୁର ଟସ୍ ଜିତି ବୋଲିଂ କରିବାକୁ ନିଷ୍ପ□ ନେଇଥିଲା। ଚରମ୍ପା ଭଦ୍ରକ ନିର୍ଦ୍ଧାରିତ ୩୦ ଓଭର ଖେଳ ମଧ୍ୟରୁ ୧୬.୪ ଓଭର ଖେଳି ସମସ୍ତ ୱିକେଟ ହରାଇ ୮୫ ରନ୍ ସଂଗ୍ରହ କରିଥିଲା। ଦଳ ପକ୍ଷରୁ ସ୍ୱୟଂଭୁ ପଲେଇ ୩୩ ରନ୍ ସଂଗ୍ରହ କରିଥିବା ବେଳେ ସରୋଜ ବେହେରା ୨୪ ରନ୍ ସଂଗ୍ରହ କରିଥିଲେ। ଇଲେଭେନ ଷ୍ଟାର ଯାଜପୁରର ବୋଲର ଅଙ୍କିତ ସଲୋନୀ ୪.୪ ଓଭର ବୋଲିଂ କରି ୨୧ ରନ୍ ଦେଇ ୫ଟି ୱିକେଟ ଅକ୍ତିଆର କରିଥିବା ବେଳେ ଅଭିଳାଷ ରାଉତରାୟ ୪ ଓଭର ବୋଲିଂ କରି ୯ ରନ୍ ଦେଇ ୩ଟି ୱିକେଟ ଅକ୍ତିଆର କରିଥିଲେ। ଏହାର ଜବାବରେ ଇଲେଭେନ ଷ୍ଟାର ଯାଜପୁର ମାତ୍ର ୧୩ ଓଭର ଖେଳି ୪ଟି ୱିକେଟ ହରାଇ ୮୯ ରନ୍ ସଂଗ୍ରହ କରି ବିଜୟ ହାସଲ କରିଥିଲେ। ଦଳ ପକ୍ଷରୁ ଅଙ୍କିତ ସଲୋନୀ ୪୬ ରନ୍ ସଂଗ୍ରହ କରିଥିବା ବେଳେ ଚକ୍ରଧର ୧୪ ରନ୍ ସଂଗ୍ରହ କରିଥିଲେ। ଆଜିର ଏହି ମ୍ୟାଚ୍‌ରେ ମ୍ୟାନ ଅଫ୍ ଦି ମ୍ୟାଚ ଭାବେ ଅଙ୍କିତ ସଲୋନୀ। ଏହି ଉଦ୍‌ଘାଟନୀ ମ୍ୟାଚ୍‌କୁ ଯୁବନେତା ମନୋଜ ସାହୁ, ସୁବାଶିଷ ରାଉତ, ଶ୍ରୀଜୟ ମହାପାତ୍ର, ସେକ୍ ସାହାଜୁଦ୍ଦିନ, ସ୍ୱସ୍ତିକ ପହି, ସଚ୍ଚିଦାନନ୍ଦ ଜେନା, ବିଶ୍ୱଜିତ ଦାସ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ। ଆଜିର ଏହି ମ୍ୟାଚ୍‌କୁ ଅମ୍ପିୟାର ଭାବେ ଶାରଦା ମହାପାତ୍ର ଓ ରଞ୍ଜନ ମହାନ୍ତି ପରିଚାଳନା କରିଥିବା ବେଳେ ସ୍କୋରର ଭାବେ ଯଯାତି ସାମଲ ପରିଚାଳନା କରିଥିଲେ।

## ଜୈୟସ୍ୱାଲ୍‌ଙ୍କ ଉପରେ ରାଗ ଝାଡ଼ିଲେ ଅଧିନାୟକ

ମେଲବୋର୍ଣ୍ଣ, ୨୯।୧୨: କୁହାଯାଏ କ୍ୟାଚେସ୍ ୱିନ ମ୍ୟାଚେସ୍। କିନ୍ତୁ ଟିମ ଇଣ୍ଡିଆର ଓପନର ଯଶସ୍ୱୀ ଜୈସାଲ ଏହାକୁ ହାତ ଛଡ଼ା କରିଛନ୍ତି। ଅଷ୍ଟ୍ରେଲିଆ ବିପକ୍ଷ ବକ୍ସିଂ ଡେ ଟେଷ୍ଟର ୪ର୍ଥ ଦିନରେ ସେ ୩ଟି କ୍ୟାଚ୍ ହାତ ଛଡ଼ା କରିଛନ୍ତି ମେଲବର୍ଣ୍ଣ ପଡ଼ିଆରେ ସେ ୩ଟି କ୍ୟାଚ୍ ହାତ ଛଡ଼ା କରିବାରୁ ଅଧିନାୟକ ରୋହିତ ଶର୍ମା ଏହାକୁ ସହଜରେ ଗ୍ରହଣ କରିପାରି ନାହାନ୍ତି। ଯଶସ୍ୱୀ ପ୍ରଥମ କ୍ୟାଚ୍ ଛାଡ଼ିବା ବେଳେ ରୋହିତ ସେତେଟା ଅସନ୍ତୋଷ ପ୍ରକାଶ



କରି ନଥିଲେ। କିନ୍ତୁ ପରବ□ୀ ଦୁଇଟି କ୍ୟାଚ୍ ଛାଡ଼ିବା ପରେ ସେ ନିଜର ଅସନ୍ତୋଷ ପ୍ରକାଶ କରିଛନ୍ତି। ଜୈସାଲଙ୍କ ହତର ରନ ଫିଲ୍ଡରେ ସେତେବେଳେ ଷ୍ଟାର୍ଟ ହୋଇଥିଲା ଯେତେବେଳେ ସେ ଯଶପ୍ରୀତ ବୁମ୍ରାଙ୍କ ବଲରେ ଉସମାନ ଖାଜାଙ୍କ କ୍ୟାଚ ଛାଡ଼ିଥିଲେ। ଏହାପରେ ୭୦ ରନର ଇନିଂସ ଖେଳିଥିବା ମାର୍ନସ ଲାବୁଶେନ ୪୦ତମ ଓଭରରେ ଆକାଶ ଦୀପଙ୍କ ବଲରେ ଗୋଟିଏ ସୁଯୋଗ ଦେଇଥିଲେ ହେଁ ଏହାକୁ ପୁଣି ଯଶସ୍ୱୀ ଛାଡ଼ିଦେଇଥିଲେ ଏହି କ୍ୟାଚ୍ ଛାଡ଼ିବାରୁ ରୋହିତ ଶର୍ମା ନିଜର ହତାଶା ଓ କ୍ରୋଧ ଖୋଲାବ ପ୍ରଦର୍ଶନ କରିଥିଲେ ଆକାଶ ଦୀପ ମଧ୍ୟ ନିଜର ଅସନ୍ତୋଷ ଦେଖାଇଥିଲେ। ଏହାପରେ ସିଲୀ ପଏ□ରେ ଫିଲ୍ଡିଂ କରିବା ବେଳେ ମଧ୍ୟ ସେ ଗୋଟିଏ କ୍ୟାଚ ଛାଡ଼ିଥିଲେ ରବୀନ୍ଦ୍ର ଜାଡେଜାଙ୍କ ଗୋଟିଏ ବଲକୁ ଡିଫେଣ୍ଡ କରିବା ବେଳେ ପାଟ କମିନ୍ସ କ୍ୟାଚ୍ ଦେଇଥିଲେ ।

# ଦ୍ୱିତୀୟ ଥର ବିଶ୍ୱ ରାପିଡ୍ ଚାମ୍ପିୟନସିପ୍ ଜିତିଲେ ହମ୍ପି

ନୂଆଦିଲ୍ଲୀ: ବର୍ଷ ୨୦୨୪ ଚେସ୍ ଖେଳରେ ଭାରତ ପାଇଁ ବେଶ୍ ସ୍ମରଣୀୟ ହୋଇ ରହିବ। ଚଳିତ ବର୍ଷ ୧୮ ବର୍ଷୀୟ ଚେସ୍ ଖେଳାଳି ଡି ଗୁକେଶ ବିଶ୍ୱ ଚାମ୍ପିୟନ ହୋଇ ନୂଆ। ଇତିହାସ ରଚିଛନ୍ତି ତାଙ୍କ ସଫଳତା ପାଇଁ ତାଙ୍କୁ ଚାରିଆଡ଼ୁ ଭୂୟସୀ ପ୍ରଶଂସା ମିଳୁଛି। ଏହାରି ମଧ୍ୟରେ

### ଶୁଭେଚ୍ଛା ଜଣାଇଲେ ପ୍ରଧାନମନ୍ତ୍ରୀ

### ଇଣ୍ଡୋନେସିଆ ଖେଳାଳିଙ୍କୁ ହରାଇ ସଫଳତା




ଆଉ ଜଣେ ଭାରତୀୟ ଚେସ୍ ଖେଳାଳି ରଚିଛନ୍ତି ଇତିହାସ। ୨୦୨୪ ସମାପ୍ତ ପୂର୍ବରୁ ଭାରତୀୟ ମହିଳା ଚେସ୍ ଖେଳାଳି ହମ୍ପୀ କୋନେରୁ ବିଶ୍ୱ ରାପିଡ୍ ଚେସ୍ ଟାଇଟଲ ନିଜ ନାଁରେ କରିଛନ୍ତି। ବଡ଼ କଥା ହେଲା ହମ୍ପୀ ଦ୍ୱିତୀୟ ଥର ଏହି ଟାଇଟଲ ଜିତିଛନ୍ତି। ହମ୍ପୀ କୋନେରୁ, ଇଣ୍ଡୋନେସିଆର ଇରୀନ ସୁକନ୍ଦରଙ୍କୁ ହରାଇ ଜିତିଛନ୍ତି ଟାଇଟଲ। ପ୍ରଥମ ଥର ହମ୍ପୀ ବିଶ୍ୱ ରାପିଡ୍ ଚେସ୍ ଚାମ୍ପିୟନସିପ୍ ୨୦୧୯ରେ ଜର୍ଜିଆରେ ଜିତିଥିଲେ। ଆଉ ଏବେ ପା□ ବର୍ଷ ପରେ ପୁଣି ଇତିହାସ ଦୋହରାଇଛନ୍ତି। ସେପଟେ ହମ୍ପୀଙ୍କ ଐତିହାସିକ ବିଜୟ ପରେ ଏବେ ତାଙ୍କ ପାଖକୁ ପୂରା ଦେଶରୁ ଛୁଟିଛି ଶୁଭେଚ୍ଛା ଏବଂ ଶୁଭକାମନା ଡି ଗୁକେଶଙ୍କ ପରେ ଏବେ ହମ୍ପୀଙ୍କ ସଫଳତାକୁ ନେଇ ଗର୍ବ କରୁଛି ଦେଶ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ମଧ୍ୟ ହମ୍ପୀଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

ଭାରତୀୟ ଗ୍ରାଣ୍ଡମାଷ୍ଟର ୧୧ରୁ ୮.୫ ପଏ□ ସହ ଚାମ୍ପିୟନସିପ୍ ଶେଷ କରିଥିଲେ। ଦ୍ୱିତୀୟ ଥର ବିଶ୍ୱ ରାପିଡ୍ ଟାଇଟଲ ନିଜ ନାଁରେ କରିବା ପରେ ହମ୍ପୀ ଖୁସି ପ୍ରକାଶ କରିଛନ୍ତି। ସେ କହିଛନ୍ତି ମୁଁ ବହୁତ ଖୁସି ଏବଂ ଉତ୍ସାହିତ କାରଣ ଏହା ମୋର ଦ୍ୱିତୀୟ ବିଶ୍ୱ ରାପିଡ୍ ଟାଇଟଲ ମୁଁ ୨୦୧୯ରେ ଜିତିଥିଲି।

# ୨୦୦ ୱିକେଟ କ୍ଲବରେ ବୁମରା

ନୂଆଦିଲ୍ଲୀ, ୨୯।୧୨: ଟେଷ୍ଟ କ୍ରିକେଟରେ ଆଜି ୨୦୦ ୱିକେଟ ପୂରଣ କରିଛନ୍ତି ଯଶପ୍ରୀତ ବୁମ୍ରା। ମେଲବର୍ଣ୍ଣରେ ଚାଲିଥିବା ଚତୁର୍ଥ ଟେଷ୍ଟର ଚତୁର୍ଥ ଦିବସରେ ଟ୍ରାଭିସ ହେଡ୍‌ଙ୍କୁ ଆଉଟ୍ କରି ସେ ପାଇଛନ୍ତି ଏହି ସଫଳତା। ଏହା ସହିତ କପିଲ ଦେବଙ୍କ ରେକର୍ଡ ଭାଙ୍ଗିଛନ୍ତି। କପିଲ ୫୦ଟି ଟେଷ୍ଟ ମ୍ୟାଚ୍ ଖେଳି ୨୦୦ ୱିକେଟ୍ ନେଇଥିବା ବେଳେ ବୁମ୍ରାଙ୍କୁ ତାଙ୍କର ୪୪ତମ ମ୍ୟାଚ୍‌ରେ ମିଳିଛି। ଏହି ସଫଳତା କପିଲଙ୍କ ରେକର୍ଡ ଭାଙ୍ଗି ବୁମ୍ରା ବନିଯାଇଛନ୍ତି ଟେଷ୍ଟରେ ୨୦୦ଟି ୱିକେଟ୍ ନେବାରେ ଦ୍ରୁତତମ ଭାରତୀୟ ପେସ୍‌ର।




ଅନ୍ୟପକ୍ଷରେ ଭାରତୀୟ ବୋଲର ଭାବେ ଟେଷ୍ଟରେ ଦ୍ରୁତ ୨୦୦ ୱିକେଟ୍ ହାସଲ କରିବାର ରେକର୍ଡ ରହିଛି ନିକଟରେ ଅନ୍ତର୍ଜାତୀୟ କ୍ରିକେଟକୁ ଅଲବିଦା କହିଥିବା ସ୍ପିନର ରବିଚନ୍ଦ୍ରନ ଅଶ୍ୱିନଙ୍କ ନାଁରେ। ୩୭ଟି ମ୍ୟାଚ୍‌ରେ ତାଙ୍କୁ ମିଳିଥିଲା ଏହି ସଫଳତା। ସେହିପରି ତାଙ୍କ ତଳକୁ ରହିଥିଲେ ରବୀନ୍ଦ୍ର ଜାଡେଜା ସେ ୪୪ଟି ମ୍ୟାଚ୍‌ରୁ ଏହି ସଫଳତା ପାଇଥିବା ବେଳେ ଏବେ ଏହି ସ୍ଥାନରେ ତାଙ୍କ ସହିତ ଯୋଗ ଦେଇଛନ୍ତି ଯଶପ୍ରୀତ ବୁମରା। ହରଭଜନ ସିଂହ ୪୬ଟି ମ୍ୟାଚ୍‌ରୁ ଓ ଅନୀଲ କୁମ୍ବଲେ ୪୭ଟି ମ୍ୟାଚ୍‌ରୁ ୨୦୦ତମ ଟେଷ୍ଟ ୱିକେଟ୍ ପୂରଣ କରିଥିଲେ। ମୋଟ ଉପରେ ଅନ୍ତର୍ଜାତୀୟ ସ୍ତରରେ ଟେଷ୍ଟରେ ଦ୍ରୁତ ୨୦୦ ୱିକେଟ୍ ନେବାର ରେକର୍ଡ ରହିଛି। ପାକିସ୍ତାନର ପୂର୍ବତନ ସ୍ପିନର ୟାସିର ଶାହ ସେ ୩୩ଟି ଟେଷ୍ଟରୁ ଏହି ମାଇଲଷ୍ଟୋନ୍ ସ୍ଥାପନ କରିଥିଲେ। ଏହି ତାଲିକାର ତୃତୀୟ ସ୍ଥାନରେ ରହିଛନ୍ତି ରବିଚନ୍ଦ୍ରନ ଅଶ୍ୱିନ। ସେ ୩ ନମ୍ବରରେ ରହିଛନ୍ତି। ତେବେ ପେସରଙ୍କ ମଧ୍ୟରେ ଅଷ୍ଟ୍ରେଲିଆର ଡେନିସ ଲିଲି ୩୮ଟି ଟେଷ୍ଟ ମ୍ୟାଚ୍‌ରୁ ୨୦୦ ୱିକେଟ୍ ହାସଲ କରିଥିଲେ ମୋଟ ଉପରେ ଲିଲି ଚତୁର୍ଥ ସ୍ଥାନରେ ରହିଛନ୍ତି। ବଲ୍ ହିସାବରେ ଦେଖିଲେ ବୁମ୍ରା ହେଉଛନ୍ତି ୨୦୦ଟି ଟେଷ୍ଟ ୱିକେଟ ନେବାରେ ଦ୍ରୁତତମ ଭାରତୀୟ ବୋଲର।

Printed, Published & Owner by Hajarika Mohapatra,
Printed at Das Offset Printers, Udit Nagar Main Road, Rourkela
Dist-Sundargarh (Odisha) and Published at Plot No.: 364/1662, Susanti Vihar, Lane-5, Tankapani Road, Bhubaneswar
Email : satyanews24.bbsr@gmail.com, Mob- +91 90406 99332, 83380 72970
Editor : Satyajit Mohapatra ସମ୍ପାଦକ : ସତ୍ୟଜିତ ମହାପାତ୍ର